**ଅଭିନବ ବିଡ଼ାନାସୀ ପଥଚାରୀ ସଂଘ କର୍ମକର୍ତ୍ତା ଚୟନ**

**କଟକ ଅଫିସ,୩୦।୧:** ଅଭିନବ ବିଡାନାସୀ ପଥଚାରୀ ସଂଘର ବାର୍ଷିକ ସମ୍ମିଳନୀ ରବିବାର ସିଡିଏ ସେକ୍ଟର-୭ସ୍ଥିତ ପରିବା ମାର୍କେଟ ନିକଟରେ ଅନୁଷ୍ଠିତ ହୋଇଯାଇଛି। ଏହି ସମ୍ମିଳନୀରେ ଗତ ୨୬ ତାରିଖରେ ଚୟନ ହୋଇଥିବା ସଂଘର କର୍ମକର୍ତ୍ତାମାନଙ୍କ ନାମ ଘୋଷଣା କରାଯାଇଥିଲା। ସଂଘ ସଭାପତି ଭାବେ ଦେବେନ୍ଦ୍ର ସୂତାର, ଉପ ସଭାପତି ପ୍ରମିଳା ଦାଶବର୍ମା, ପ୍ରତାପ କୁମାର ମିଶ୍ର, ସାଧାରଣ ସମ୍ପାଦକ ରମେଶ ଚନ୍ଦ୍ର ସାହୁ, ଯୁଗ୍ମ ସମ୍ପାଦକ ଚିତ୍ତରଞ୍ଜନ ମହାନ୍ତି, ହିମାଂଶୁବାଳା ପଟ୍ଟନାୟକ, ସହସମ୍ପାଦକ ଜ୍ଞାନରଞ୍ଜନ ଦାସ, ଦୁର୍ଯ୍ୟୋଧନ ସାହୁ, କୋଷାଧ୍ୟକ୍ଷ ଦୁର୍ଗାପ୍ରସାଦ ମିଶ୍ର, ଜଳିୱାର୍କର ଭାବେ କୁଞ୍ଜବିହାରୀ ପଣ୍ଡା ପ୍ରମୁଖଙ୍କୁ ଆଗାମୀ ଦୁଇବର୍ଷ ପାଇଁ ଚୟନ କରାଯାଇଛି।

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଭୁବନେଶ୍ୱର ଫର୍ନିଚର ଶୋ'ରୁମର ଉଦ୍‌ଘାଟନ, ଲୁଇସ ରୋଡ, ମହାବୀର ବଜାର, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ୨୬ତମ ରାମଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଭିଙ୍ଗାରପୁର ଦୁର୍ଗାମଣ୍ଡପ ପ୍ରାଙ୍ଗଣ, ସନ୍ଧ୍ୟା ୭ଟା।

# ଆଣ୍ଟୁଆଗୋପାଳ ୱାରିୟର୍ସ ଚାମ୍ପିୟନ

## ଏମ୍‌ବିସି ଭିଲେଜ କପ୍ ଉଦ୍‌ଯାପିତ

**ବାରଙ୍ଗ,୩୦।୧(ଡି.ଏନ୍.ଏ.):** ସ୍ଥାନୀୟ ମଧୁପୁର ଗ୍ରାମ ଖେଳପଡ଼ିଆରେ ଜୟ ଶ୍ରୀରାମ କ୍ଲବ ଆନୁକୂଲ୍ୟରେ ଚାଲିଥିବା ଏମ୍‌ବିସି ଭିଲେଜ କପ୍ କ୍ରିକେଟ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ବାବା ଜଳେଶ୍ୱରକୁ ହରାଇ ଆଣ୍ଟୁଆଗୋପାଳ ୱାରିୟର୍ସ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ଜଳେଶ୍ୱର ଟିମ୍ ପ୍ରଥମେ ବ୍ୟାଟିଂ କରି ୨୫ରନ ସଂଗ୍ରହ କରିଥିଲା। ଜବାବରେ ଆଣ୍ଟୁଆଗୋପାଳ ୱାରିୟର୍ସ ୨ଓଭରରେ ୨୬ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ କିଶନ କୁମାର ଜେନା, ଅଭିନେତ୍ରୀ ବିଦୁସ୍ମିତା, ଖବରଦାତା ଲିଙ୍ଗରାଜ ରାଉତ, କମଳାକାନ୍ତ ନାୟକ ପ୍ରମୁଖ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଟିମ୍‌କୁ ଟ୍ରଫି ସହ ୩୦ ହଜାର ଓ ରନର୍ସଅପ ଟିମକୁ ଟ୍ରଫି ସହ ୨୦ହଜାର ଟଙ୍କା ପ୍ରଦାନ କରିଥିଲେ। ଜିତେନ୍ଦ୍ର ନାୟକ ଓ ପଙ୍କଜ ରାଉତ ମ୍ୟାଚ ପରିଚାଳନା କରିଥିଲେ। ସୁବ୍ରତ ରାଉତ, ବାପି ମଲ୍ଲିକ, ତ୍ରିଲୋକ ରାଉତ, ଦିପୁନା ସାହୁ, ଖୋକନ ସାହୁ, ନିଲୋକ ରାଉତ, ଦୀପେନ୍ଦ୍ର ନାୟକ ପ୍ରମୁଖ ଟୁର୍ନାମେଣ୍ଟରେ ସହଯୋଗ କରିଥିଲେ।

# ରାଜ୍ୟସ୍ତରୀୟ ଭଲିବଲ ଟୁର୍ନାମେଣ୍ଟ, ଇଟାମାଟି ଚାମ୍ପିୟନ

**ଖୁଣ୍ଟୁଣୀ,୩୦।୧(ଡି.ଏନ.ଏ.):** ଆଠଗଡ଼ ବ୍ଲକ ମଞ୍ଚେଶ୍ୱର ପଞ୍ଚାୟତ ଅଧୀନ ନାରଙ୍ଗବସ୍ତ ଗ୍ରାମରେ ଏକଦିବସୀୟ ରାଜ୍ୟସ୍ତରୀୟ ଦିବାରାତ୍ର ଭଲିବଲ ଟୁର୍ନାମେଣ୍ଟ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ନୟାଗଡ଼, କଟକ, ପାରାଦୀପ, ଭୁବନେଶ୍ୱର, ଢେଙ୍କାନାଳରୁ ୮ଟି ଟିମ୍ ଭାଗ ନେଇଥିଲେ। ଭୁବନେଶ୍ୱର ଟିମ୍ ଓ ନୟାଗଡ଼ ଇଟାମାଟି ଟିମ୍ ମଧ୍ୟରେ ଫାଇନାଲ ମ୍ୟାଚ ହୋଇଥିଲା। ଏଥିରେ ଇଟାମାଟି ଟିମ୍ ଭୁବନେଶ୍ୱର ଟିମ୍‌କୁ ୨-୦ ସେଟ୍‌ରେ ପରାସ୍ତ କରିଥିଲା। ପୁରସ୍କାର ବିତରଣ ଉତ୍ସବରେ ମନ୍ତ୍ରୀ ରଣେନ୍ଦ୍ର ପ୍ରତାପ ସ୍ୱାଇଁଙ୍କ ପ୍ରତିନିଧି ବଳଭଦ୍ର ବାଘ, ମଞ୍ଚେଶ୍ୱର ସରପଞ୍ଚ ପ୍ରିୟବ୍ରତ ସାହୁ, ରାଜକିଶୋର ଖଟୁଆ, ଅଶୋକ ଖଟୁଆ, ଅନାମ ସାମଲ, କାର୍ତ୍ତିକ ଖଟୁଆ, ପ୍ରଭାତ ରଞ୍ଜନ ଖଟୁଆ, ପ୍ରେମାନନ୍ଦ ମଲ୍ଲିକ ପ୍ରମୁଖ ଯୋଗଦେଇ ଚାମ୍ପିୟନ ଓ ରନର୍ସ ଅପ୍ ଟିମ୍‌କୁ ପୁରସ୍କୃତ କରିଥିଲେ। ଆୟୋଜକ ଜ୍ୟୋତିର୍ମୟୀ କ୍ଲବର କର୍ମକର୍ତ୍ତାମାନେ ଟୁର୍ନାମେଣ୍ଟ ପରିଚାଳନା କରିଥିଲେ।

# 'ଗାନ୍ଧୀସ୍ ଲିଡରଶିପ୍ ଷ୍ଟାଇଲ୍ ଆଣ୍ଡ୍ ମ୍ୟାନେଜମେଣ୍ଟ ଟେକ୍ନିକ୍' ପୁସ୍ତକ ଉନ୍ମୋଚିତ

**ଭୁବନେଶ୍ୱର, ୩୦।୧(ବ୍ୟୁରୋ) :** ଶହୀଦ ଦିବସ ପାଳନ ଅବସରରେ ରବିବାର ମହାତ୍ମା ଗାନ୍ଧୀଙ୍କ ଉପରେ ଲିଖିତ ଗବେଷଣାତ୍ମକ ପୁସ୍ତକ 'ଗାନ୍ଧୀସ୍ ଲିଡରଶିପ ଷ୍ଟାଇଲ୍ ଆଣ୍ଡ ମ୍ୟାନେଜମେଣ୍ଟ ଟେକ୍ନିକ୍'କୁ ରାଜଭବନଠାରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଉନ୍ମୋଚନ କରିଛନ୍ତି। ଡ. ଦେବାଶିଷ ଭୂୟାଁ ଓ ପ୍ରଫେସର ନିରଞ୍ଜନ ପାଣିଙ୍କ ଲିଖିତ ଏହି ପୁସ୍ତକ ଏନ୍.ବି. ପବ୍ଲିକେଶନ ନୂଆଦିଲ୍ଲୀ ଦ୍ୱାରା ପ୍ରକାଶିତ ହୋଇଛି। ଏଥିରେ ଭାରତର ସ୍ୱାଧୀନତା ସଂଗ୍ରାମ କାଳରେ ମହାତ୍ମା ଗାନ୍ଧୀ ଆପଣାଇଥିବା ସଂଗ୍ରାମୀ ନେତୃତ୍ୱ ଓ ବର୍ତ୍ତମାନ ସମୟରେ ସେଗୁଡ଼ିକର ପ୍ରାସଙ୍ଗିକତା ସମ୍ପର୍କରେ ଲେଖକ ବିଶଦ ଭାବରେ ବର୍ଣ୍ଣନା କରିଛନ୍ତି।

# ଶ୍ରୀମନ୍ଦିର ରତ୍ନଅଳଙ୍କାର ଗଣନା ହେଉନି

**ପୁରୀ ଅଫିସ,୩୦।୧**



- ୪ ବର୍ଷ ହେଲା ବୈଠକରେ ସୀମିତ ରହିଛି ନିଷ୍ପତ୍ତି
- ବିଧିବ୍ୟବସ୍ଥା ଓ ପରିଚାଳନା କମିଟି ନିଷ୍ପତ୍ତିକୁ ଅଣଦେଖା

ଶ୍ରୀମନ୍ଦିର ଭିତରଭଣ୍ଡାର ଚାବି ପ୍ରସଙ୍ଗ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ରତ୍ନ ଅଳଙ୍କାର ଗଣନା ନ ହେବା ନେଇ ପ୍ରଶ୍ନ ଉଠିଛି। ୨୦୧୮ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନଅଳଙ୍କାର ଗଣନା ପାଇଁ ମତ ପ୍ରକାଶ ପାଇଥିଲା। ଆସନ୍ତା ଏପ୍ରିଲ ୪ରେ ଏହି ନିଷ୍ପତ୍ତିକୁ ୪ ବର୍ଷ ପୂରିବାକୁ ଯାଉଛି। ମାତ୍ର ଏପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗଣାଯାଇନାହିଁ। ଏଭଳି ଭାବେ ଶ୍ରୀମନ୍ଦିର ବିଧିବ୍ୟବସ୍ଥା ଓ ପରିଚାଳନା କମିଟି ନିଷ୍ପତ୍ତିକୁ ଅଣଦେଖା କରାଯାଉଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭିତରଭଣ୍ଡାର ଚାବି ପ୍ରସଙ୍ଗ ଚର୍ଚ୍ଚାକୁ ଆସିବା ପରେ ୨୦୧୮ ଏପ୍ରିଲ ୪ରେ ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା ଚାବି ହଜିବା କଥା କହିବା ସହ ଭିତର ରତ୍ନଭଣ୍ଡାର ଚାବି ଭାଙ୍ଗିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଗଜପତି ମହାରାଜା ଦିବ୍ୟସିଂହ ଦେବ ଏପରିଚାଳନା କମିଟି ସଦସ୍ୟମାନେ ଚାବି ନ ଭାଙ୍ଗି ପ୍ରଥମେ ଖୋଜାଯିବା ସପକ୍ଷରେ ମତ ରଖିଥିଲେ। ଏହାପରେ ସର୍ବସମ୍ମତି କ୍ରମେ ଚାବି ଖୋଜିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜିଲା କୋଷାଗାରରେ ୧୯୭୦ ପରଠାରୁ ଚାବି ଜମାଦିଆଯାଇଥିବା ନେଇ ତଥ୍ୟ ନ ଥିବା ବୈଠକରେ ପ୍ରକାଶ କରିଥିଲେ। ତେବେ ଚାବି ପ୍ରଥମେ ଖୋଜାଯାଉ, ଚାବି ନ ମିଳିଲେ ଆଗାମୀ ପରିଚାଳନା କମିଟି ବୈଠକର ଅନୁମୋଦନ କ୍ରମେ ଚାବି ଭଙ୍ଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ବୈଠକରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରରୁ ପ୍ରତି ୩ବର୍ଷକୁ ଥରେ ଗଣତି ହେବାର ପ୍ରାବଧାନ ରହିଛି। ତେଣୁ ସମସ୍ତ ସଭ୍ୟମାନେ ପୁଣି ଥରେ ରତ୍ନଅଳଙ୍କାର ଗଣତି କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏହି ନିଷ୍ପତ୍ତିକୁ ଆସନ୍ତା ଏପ୍ରିଲରେ ୪ବର୍ଷ ପୂରିବ। ମାତ୍ର ଏପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗଣନା ନିମନ୍ତେ ପ୍ରଶାସନ ଆଗ୍ରହ ଦେଖାଉ ନାହିଁ। ସୂଚନାଯୋଗ୍ୟ, ଶେଷ ଥର ପାଇଁ ୧୯୭୮ ମେ ୧୩ରୁ ଜୁଲାଇ ୨୩ ମଧ୍ୟରେ ରତ୍ନ ଅଳଙ୍କାର ଗଣତି ହୋଇଥିବା ବେଳେ ଏହି ତାଲିକାକୁ ଏକ ପୁସ୍ତକ ଆକାରରେ ସତ୍ୟବାଦୀ ପ୍ରେସ୍‌ରେ ଛପାଯାଇଥିଲା। ଏହି ତାଲିକାର ଶହେ ନକଲ ଜିଲା ଟ୍ରେଜେରିରେ ରହିଥିବା ଜଣାପଡ଼ିଛି। ସଂପୃକ୍ତ ତାଲିକାକୁ ଆଧାର କରି ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଗଣନା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାକୁ ୪ ବର୍ଷ ପୂରିବାକୁ ବସିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଚାବି ହଜିବା ପରେ ରାଜ୍ୟ ସରକାର ରତ୍ନ ଅଳଙ୍କାର ଗଣତି ପାଇଁ ପଦକ୍ଷେପ ନେବା ଏକ ନ୍ୟାଯ୍ୟ ଦାବି। ଏନେଇ ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାହାରି ଏଥିପ୍ରତି ଧ୍ୟାନ ନାହିଁ। ୩ବର୍ଷରେ ଥରେ ରତ୍ନଅଳଙ୍କାର ଗଣନା ନେଇ ସ୍ୱତ୍ୱଲିପିରେ ଉଲ୍ଲେଖ ଥିବାବେଳେ କାହିଁକି ତାହା କାର୍ଯ୍ୟକାରୀ ହେଉନି ସବୁଠାରୁ ବଡ଼ ପ୍ରଶ୍ନ। ସରକାର ରତ୍ନଅଳଙ୍କାର ଗଣତି ପ୍ରକ୍ରିୟା ଆରମ୍ଭ କରି ଜଗନ୍ନାଥପ୍ରେମୀଙ୍କ ମନରେ ଥିବା ଆଶଙ୍କାକୁ ଦୂର କରନ୍ତୁ। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରତ୍ନଅଳଙ୍କାର ଚୋରି ହୋଇଥିବାରୁ ରାଜ୍ୟ ସରକାର ଜାଣିଶୁଣି ଏହି ପ୍ରସଙ୍ଗ ଉପରେ ଧ୍ୟାନ ଦେଉନାହାନ୍ତି। ସରକାର ଯଦି ବାସ୍ତବରେ ଜଗନ୍ନାଥପ୍ରେମୀ ଓ ସ୍ୱଚ୍ଛ ତେବେ ରତ୍ନ ଅଳଙ୍କାର ଗଣନା ଲାଗି ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ୨୦୧୮ ଏପ୍ରିଲ ବୈଠକରେ ରତ୍ନଅଳଙ୍କାର ଗଣନା ନେଇ ମତ ପ୍ରକାଶ ପାଇଥିଲା। ମାତ୍ର ଏହାର ପରବର୍ତ୍ତୀ ବୈଠକଗୁଡ଼ିକରେ ଆଉ ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇନାହିଁ କିମ୍ବା କେବେ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଆମପାଖରେ ନାହିଁ। ପ୍ରଶାସନ କେବଳ ଏହି ସୂଚନା ଦେଇପାରିବ। ଅପରପକ୍ଷେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।




ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ରବିବାର ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଓ ଶହୀଦ ଦିବସ ପାଳନ ଅବସରରେ ଅତିଥିମାନେ ଗାନ୍ଧିଜୀଙ୍କ ଜୀବନୀ ଆଧାରିତ ଷ୍ଟୋରି ଟେଲିଙ୍ଗ ସିଡି 'ତୁମେ କହିଥିଲ ବାପୁ'କୁ ଉନ୍ମୋଚନ କରୁଛନ୍ତି।

# କମିଶନରେଟ ପୋଲିସ ପକ୍ଷରୁ ଅରିନ୍ଦମ-ପ୍ରବୀର ସ୍ମାରକୀ କ୍ରିକେଟ

**ଭୁବନେଶ୍ୱର, ୩୦।୧ (ବ୍ୟୁରୋ)**

ଯୁବ ଖବରଦାତା ଅରିନ୍ଦମ ଦାସ ଓ ପ୍ରବୀର ପ୍ରଧାନଙ୍କ ସ୍ମୃତି ଉଦ୍ଦେଶ୍ୟରେ କମିଶନରେଟ ପୋଲିସ ପକ୍ଷରୁ ଅରିନ୍ଦମ-ପ୍ରବୀର ସ୍ମାରକୀ କ୍ରିକେଟ ପ୍ରତିଯୋଗିତା ରବିବାର ଅନୁଷ୍ଠିତ ହୋଇଯାଇଛି। ପୋଲିସ କମିଶନର ଏକାଦଶ, ଭୁବନେଶ୍ୱର ଡିସିପି ଏକାଦଶ, ଛାପା ଗଣମାଧ୍ୟମ ଟିମ୍ ଓ ବୈଦ୍ୟୁତିକ ଗଣମାଧ୍ୟମ ଟିମ୍ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲା। ତେବେ ଛାପା ଗଣମାଧ୍ୟମ ଟିମ୍ 'ପ୍ରବୀର ସ୍ମାରକୀ ଟ୍ରଫି ' ଓ ବୈଦ୍ୟୁତିକ ଗଣମାଧ୍ୟମ ଟିମ୍ 'ଅରିନ୍ଦମ ସ୍ମାରକୀ ଟ୍ରଫି' ହାସଲ କରିଛି। ଅତିରିକ୍ତ କମିଶନର ନୀତିଶ ଶେଖରଙ୍କ ନେତୃତ୍ୱରେ କମିଶନର ଏକାଦଶ ଦଳ ଟସ ଜିତି ପ୍ରଥମେ ବ୍ୟାଟିଂ ଆରମ୍ଭ କରି ନିର୍ଦ୍ଧାରିତ ୧୨ ଓଭରରେ ୫ ଉଇକେଟ ହରାଇ ୮୭ରନ କରିଥିଲା। ଜବାବରେ ଛାପା ଗଣମାଧ୍ୟମ ଟିମ୍ ୫ ଓଭରରେ ମାତ୍ର ଦୁଇ ଉଇକେଟ ହରାଇ ବିଜୟ ହାସଲ କରିଥିଲା। ସେହିପରି ଦ୍ୱିତୀୟ ମ୍ୟାଚରେ ବୈଦ୍ୟୁତିକ ଗଣମାଧ୍ୟମ ଟସ୍ ଜିତି ପ୍ରଥମେ ଫିଲଡିଂ ନିଷ୍ପତ୍ତି ନେଇଥିଲା। ଦଳ ୧୦ ଓଭରରେ ୭ ଉଇକେଟ ହରାଇ ୭୮ରନ କରି ବିଜୟୀ ହୋଇଥିଲା। ଭୁବନେଶ୍ୱର ଡିସିପି ଉମାଶଙ୍କର ଦାସଙ୍କ ନେତୃତ୍ୱାଧୀନ ପୋଲିସ ଦଳ ୧୨ ଓଭରରେ ୯ ଉଇକେଟ ହରାଇ ୭୭ରନ କରିଥିଲା। ଶେଷରେ ଡିସିପି ଉମାଶଙ୍କର ଦାସ ଉଭୟ ଦଳକୁ ବିଜୟୀ ଟ୍ରଫି ପ୍ରଦାନ କରିବା ସହ ଏହି ଦୁଇ ଉଦୀୟମାନ ଖବରଦାତାଙ୍କୁ ମନେ ରଖିବା ପାଇଁ ପ୍ରତିବର୍ଷ ଏଭଳି ମ୍ୟାଚର ଆୟୋଜନ କରାଯିବ ବୋଲି କହିଥିଲେ।

# ରାଜ୍ୟ ସଂଗ୍ରହାଳୟରେ ଖୋଲିଲା ଗାନ୍ଧୀ ଗ୍ୟାଲେରି

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

**ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେବର୍ଷ ପୂର୍ତ୍ତି ଓ ଶହୀଦ ଦିବସ**

ରାଜ୍ୟ ସଂଗ୍ରହାଳୟରେ ଖୋଲିଲା ଗାନ୍ଧୀ ଗ୍ୟାଲେରୀ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବିବାର ଶହୀଦ ଦିବସ ଓ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗ୍ୟାଲେରିରେ ଗାନ୍ଧିଜୀଙ୍କ ୮ଥର ଓଡ଼ିଶା ଗସ୍ତର ସବିଶେଷ ତଥ୍ୟ, ବ୍ୟବହୃତ ସାମଗ୍ରୀ, ବିଭିନ୍ନ ଫଟୋଚିତ୍ର ଓ ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଛି। ଏଥିସହ ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ଗାନ୍ଧିଜୀଙ୍କ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସେହିଭଳି ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରସ୍ତୁତ ଗାନ୍ଧୀଭିତ୍ତିକ ପୁସ୍ତକ 'କଫି ଟେବୁଲ', ଓଡ଼ିଶା ସାହିତ୍ୟ ଏକାଡେମୀର ତ୍ରୈମାସିକ ପତ୍ରିକା 'କୋଣାର୍କ'ର ବିଶେଷ ସଂଖ୍ୟା ଓ ଦୁଇଟି ଏକାଡେମୀ ସମାଚାର ଏବଂ ଗାନ୍ଧିଜୀଙ୍କ ଜୀବନ ଉପରେ ଆଧାରିତ ଷ୍ଟୋରି ଟେଲିଙ୍ଗ ସିଡୀ 'ତୁମେ କହିଥିଲ ବାପୁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ। ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ଭର୍ଚୁଆଲରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ସଂଗ୍ରାମ ଓ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ତାଙ୍କର ବାଣୀ, ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା। ଆଜିର ଯୁବପିଢି ଏହାକୁ ଅନୁସରଣ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ ଦାସ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମ୍ପର୍କିତ ତଥ୍ୟ ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ପ୍ରାରମ୍ଭରେ ସଂଗ୍ରହାଳୟ ଉଦ୍ୟାନ ପରିସରରେ ଏକ ନୀରବ ପ୍ରାର୍ଥନା ସହିତ ଶିଳ୍ପୀ ଅନିନ୍ଦିତା ଦାସଙ୍କ ନିର୍ଦ୍ଦେଶନାରେ ସଦ୍‌ଭାବନା ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ସମ୍ମାନିତ ବକ୍ତା ଭାବେ ଡ. ପ୍ରୀତିଶ ଆଚାର୍ଯ୍ୟ, ଡ. ନିହାର ରଞ୍ଜନ ପଟ୍ଟନାୟକ, ଡ. ଦାଶ ବେନହୁର, ଡ. ପ୍ରହ୍ଲାଦ ସିହ୍ନା, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡକ୍ଟର ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଧୁମିତା ମହାନ୍ତି ସଂଯୋଜନା କରିଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଓ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ଚାନେଲ୍‌ରେ ସିଧା ପ୍ରସାରଣ କରାଯାଇଥିଲା।

# 'ମୁଁ କାହିଁକି ଗାନ୍ଧୀଙ୍କୁ ମାରିଲି' ଚଳଚ୍ଚିତ୍ରକୁ ବିରୋଧ ତେଜିଲା

**ଭୁବନେଶ୍ୱର, ୩୦।୧ (ବ୍ୟୁରୋ)**

'ମୁଁ କାହିଁକି ଗାନ୍ଧୀଙ୍କୁ ମାରିଲି' ଚଳଚ୍ଚିତ୍ରକୁ ବିରୋଧ କରି ବିଭିନ୍ନ ସଙ୍ଗଠନ ରାସ୍ତାକୁ ଓହ୍ଲାଇଛି। ଏହାକୁ ନିଷେଧ କରାଯିବା ସହ ଉକ୍ତ ଚଳଚ୍ଚିତ୍ରର ପ୍ରଯୋଜକ ଓ ନିର୍ଦ୍ଦେଶକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି କରାଯାଇଛି। ଏନେଇ ରବିବାର ଗାନ୍ଧୀଙ୍କ ମହାପ୍ରୟାଣ ଦିବସରେ ସମାଜବାଦୀ ପାର୍ଟିପକ୍ଷରୁ ରାଜ୍ୟ ସଭାପତି ରବି ବେହେରାଙ୍କ ନେତୃତ୍ୱରେ ମହାତ୍ମା ଗାନ୍ଧୀ ପାର୍କଠାରେ ଗଣ ବିକ୍ଷୋଭ କରାଯାଇଥିଲା। ସମଗ୍ର ବିଶ୍ୱ ଗାନ୍ଧୀଙ୍କ ଜନ୍ମଦିବସକୁ ଅନ୍ତର୍ଜାତୀୟ ଅହିଂସା ଦିବସ ଭାବେ ପାଳନ କରୁଥିବାବେଳେ ତାଙ୍କ ଜନ୍ମମାଟିରେ ଏଭଳି ଅପମାନ ହେବା ଏକ ଐତିହାସିକ ବିଡମ୍ବନା। ଗାନ୍ଧିଜୀଙ୍କ ଅପମାନ ଭାରତ ପାଇଁ ଏକ ବଡ ଆହ୍ୱାନ ବୋଲି ସେ କହିଛନ୍ତି।

ସେହିପରି ଓଡ଼ିଶା ସିନେକ୍ରିଟିକ୍ ଆସୋସିଏଶନ ପକ୍ଷରୁ ଚଳଚ୍ଚିତ୍ର ନିଷେଧ ପାଇଁ ଦାବି କରାଯାଇଛି। ଓଟିଟି ପ୍ଲାଟ୍‌ଫର୍ମରେ, ବିନା ସେନ୍‌ସରରେ ଜାତିର ପିତାଙ୍କୁ ଅବମାନନା କରୁଥିବା ଚଳଚ୍ଚିତ୍ର ଉପରେ ଯଦି ଏବେଠାରୁ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ ଆଗାମୀ ଦିନରେ ଦେଶର ସାଂସ୍କୃତିକ ଐତିହ୍ୟ ବିପନ୍ନ ହେବ। ଏହା ସହିତ ବହୁ ଅଶ୍ଳୀଳ ଚଳଚ୍ଚିତ୍ର ବଜାରକୁ ଆସିବ, ଯାହା ଆମ ସାମାଜିକ ବ୍ୟବସ୍ଥାକୁ ଧ୍ୱଂସ କରିଦେବ ବୋଲି ଆସୋସିଏଶନ ପକ୍ଷରୁ କୁହାଯାଇଛି। ଆସୋସିଏଶନ ସଭାପତି ତଥା ବରିଷ୍ଠ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ, ସିନେ ସମୀକ୍ଷକ ତଥା ଆସୋସିଏଶନର ସାଧାରଣ ସମ୍ପାଦକ ଦିଲୀପ ହାଲି, ସଂଗଠନ କୋଷାଧ୍ୟକ୍ଷ ରବୀନ୍ଦ୍ର ବିଶ୍ୱାଳ ପ୍ରମୁଖ ଏହି ଚଳଚ୍ଚିତ୍ରକୁ ତୀବ୍ର ନିନ୍ଦା କରିବା ସହ କେନ୍ଦ୍ର ସରକାର ତୁରନ୍ତ ଏ ଦିଗରେ କଠୋର ପଦକ୍ଷେପ ଗ୍ରହଣ କରିବାକୁ ଦାବି କରାଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି**

metroselfie@gmail.com



@ ବିଶ୍ୱଭୂଷଣ



@ ରୋହନ



@ କାର୍ତ୍ତିକେଶ୍ୱର



@ ଗୀତା



@ କୁଳମଣି



@ ବିକାଶ

# ପୁସ୍ତକ 'ଜଗତୀକରଣର ଜାଲ' ଲୋକାର୍ପିତ




କଟକ ଶ୍ରୀରାମଚନ୍ଦ୍ର ଭବନରେ ଲେଖକ ଚିତ୍ତରଞ୍ଜନ ମହାନ୍ତିଙ୍କ ରଚିତ ପୁସ୍ତକ 'ଜଗତୀକରଣର ଜାଲ'କୁ ଅତିଥିମାନେ ଲୋକାର୍ପଣ କରୁଛନ୍ତି।

**କଟକ ଅଫିସ,୩୦।୧**

କଟକ ଶ୍ରୀରାମଚନ୍ଦ୍ର ଭବନରେ ଲେଖକ ଚିତ୍ତରଞ୍ଜନ ମହାନ୍ତିଙ୍କ ରଚିତ ପୁସ୍ତକ 'ଜଗତୀକରଣର ଜାଲ' ରବିବାର ଲୋକାର୍ପିତ ହୋଇଯାଇଛି। ପୂର୍ବତନ ବିଧାୟକ ରାଜେନ୍ଦ୍ର ପ୍ରସାଦ ସିଂହଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଡ. ସତ୍ୟ ରାୟ, ମୁଖ୍ୟବକ୍ତା ଡ. ବିଜୟାନନ୍ଦ ସିଂହ, ମୁଖ୍ୟ ଆଲୋଚକ ଡ. ବିଶ୍ୱାବସୁ ଦାସ ଓ ସମ୍ମାନିତ ଆଲୋଚକ ଭାବେ ଆଇନଜୀବୀ ସୁକାନ୍ତ ନାୟକ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଖଗେଶ୍ୱର ସେଠୀ, ପ୍ରତାପ ଶତପଥୀ, ଯୁଗଳ କିଶୋର ନାୟକ, ଇଂ. ସି.ବି. ଶାସ୍ତ୍ରୀ, ଡା. ରବିରଞ୍ଜନ ସାହୁ, ଡଲି ଦାସ, ବିଶ୍ୱଜିତ୍ ରାୟ, ପ୍ରଶାନ୍ତ ପଟ୍ଟନାୟକ ଓ ପ୍ରଶାନ୍ତ ପଣ୍ଡା ଉପସ୍ଥିତ ଥିଲେ।



କଟକ ସାରଳା ଭବନରେ ଔପନ୍ୟାସିକ ସଞ୍ଜିତ ପଟ୍ଟନାୟକଙ୍କ ଉପନ୍ୟାସ 'ଝଡ଼'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।



ବ୍ରହ୍ମାନନ୍ଦ ପଣ୍ଡା ସ୍ମୃତି କମିଟି ପକ୍ଷରୁ ବରିଷ୍ଠ ଆଇନଜୀବୀ ବ୍ରହ୍ମାନନ୍ଦ ପଣ୍ଡାଙ୍କ ଶ୍ରାଦ୍ଧବାର୍ଷିକୀ ଅବସରରେ କଟକ କ୍ରିମିନାଲ କୋର୍ଟ ବାର୍ ଆସୋସିଏଶନ ସମ୍ମୁଖରେ ଥିବା ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିବା ବ୍ୟକ୍ତିବୃନ୍ଦ।




ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଠରାଙ୍ଗସ୍ଥିତ ଦୁଃଖିଶ୍ୟାମ ମହାପାତ୍ର ଖେଳପଡ଼ିଆରେ ଅନୁଷ୍ଠିତ ମାର୍ଥା କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ସତ୍ୟାପୀର ସ୍ପୋର୍ଟିଂ କ୍ଲବର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।




ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାପ୍ରୟାଣ ଦିବସ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ଗାନ୍ଧୀ ପାର୍କରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା କରାଯାଉଛି।



ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ।



ଭୁବନେଶ୍ୱର କୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



ପୁରୀ ସର୍ବୋଦୟ ମେଳା କମିଟି ପକ୍ଷରୁ ଗାନ୍ଧୀ ସ୍ମୃତିପୀଠରେ ରବିବାର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



କଟକ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ରବିବାର ଅନୁଷ୍ଠିତ ସତ୍ୟାଗ୍ରହ।

## ବିଭିନ୍ନ ସ୍ଥାନରେ ଗାନ୍ଧିଜୀଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି

**ଭୁବନେଶ୍ୱର, ୩୦।୧ (ବ୍ୟୁରୋ):** ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ତରଫରୁ ରାଜଧାନୀ ଭୁବନେଶ୍ୱର ସହିତ ସମଗ୍ର ରାଜ୍ୟର ବିଭିନ୍ନ ସ୍ଥାନରେ ଥିବା ଗାନ୍ଧିପୀଠ ମାନଙ୍କରେ ବ୍ୟାପକ କାର୍ଯ୍ୟକ୍ରମ କରାଯାଇ ଜାତିର ପିତାଙ୍କୁ ଭାବପୂର୍ଣ୍ଣ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ମହାତ୍ମାଗାନ୍ଧୀ ପାର୍କରେ ଜାତିର ପିତାଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଥିଲା। ଏହାସହ ରାମଧୁନ ଓ ଗାନ୍ଧୀଜୀଙ୍କ ପ୍ରିୟ ଭଜନ ଗାନ କରାଯାଇଥିଲା। ଓଡିଶା ସଙ୍ଗୀତ ନାଟକ ଏକାଡେମୀ ପକ୍ଷରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ, ଉପ ନିର୍ଦ୍ଦେଶକ ସଞ୍ଜୟ କୁମାର ମିଶ୍ର, ଦେବାନନ୍ଦ ବରିହା, ଏକାଡେମୀ ସଚିବ ପ୍ରବୋଧ ରଥ, ଉପସଭାପତି ମନ୍ମଥ ଶତପଥୀ, ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ସନ୍ଧ୍ୟାରେ ସର୍ବଧର୍ମ ପ୍ରାର୍ଥନା ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ବିଭିନ୍ନ ଗାନ୍ଧିବାଦୀ, ପ୍ରତିଷ୍ଠିତ ବ୍ୟକ୍ତିତ୍ୱଙ୍କୁ ସମ୍ମାନିତ କରାଯାଇଥିଲା। ନିର୍ଦ୍ଦେଶକ ଦାସ ନିଜ ବକ୍ତବ୍ୟରେ ଓଡ଼ିଆ ଭାଷା,ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ପୂଜ୍ୟପୂଜା କାର୍ଯ୍ୟକ୍ରମ ହାତକୁ ନିଆଯାଇ ବରପୁତ୍ରଙ୍କ ଜୟନ୍ତୀ ଓ ଶ୍ରାଦ୍ଧୋତ୍ସବ ପାଳନ କରାଯାଇଛି ଓ ଆଗାମୀ ଦିନରେ ପୂଜ୍ୟପୂଜା କାର୍ଯ୍ୟକ୍ରମକୁ ବ୍ୟାପକ କରାଯିବ ବୋଲି କହିଥିଲେ। ସେହିଭଳି ଭୁବନେଶ୍ୱର ଓକିଲ ସଂଘ ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ ହୋଇଥିଲା। ଓକିଲମାନେ ବାପୁଜୀ ଓ ମଧୁସୂଦନ ଦାସଙ୍କ ପ୍ରତିମୂର୍ତ୍ତିରେ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏଥିରେ ସଂଘର ସଭାପତି ନିର୍ମଳ କିଶୋର ରଥ, ସମ୍ପାଦକ ରାଜ କିଶୋର ଦାସ, ସଂଘଠନ ସମ୍ପାଦକ ଅଶୋକ ବଡ଼ପଣ୍ଡା, କୋଷାଧ୍ୟକ୍ଷ ଲିଙ୍ଗରାଜ ମହାରଣା, କାର୍ଯ୍ୟକାରୀ କମିଟି ସଭ୍ୟ ସୁରେଶ କୁମାର ଦାସ, ଅଭଜିତ୍ ମିଶ୍ର, ସବ୍ୟସାଚୀ ସୂତାର, ଲିଙ୍ଗରାଜ ସାହୁ, ସଦାନନ୍ଦ ଦାସଙ୍କ ସମେତ ବହୁ ବରିଷ୍ଠ ଓ ଯୁବ ଆଇନଜୀବୀ ସାମିଲ ହୋଇଥିଲେ।

# ‘ବିନା ଛଳନାରେ ଗାନ୍ଧିଜୀଙ୍କ ପ୍ରତି କୃତଜ୍ଞ ରୁହ’

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ଗାନ୍ଧୀ କେଉଁଠି ଅଛନ୍ତି? ସରକାରୀ କାର୍ଯ୍ୟାଳୟର କାନ୍ଥରେ, ପ୍ରତିମୂର୍ତ୍ତିରେ ନା ଆମ ହୃଦୟରେ। ଯଦି ଏବେବି ଆମେ ତାଙ୍କୁ ଆମ ହୃଦୟରେ ଅଧିଷ୍ଠିତ କରାଇପାରିନାହେଁ ତେବେ ଆଗକୁ ସମୟ ଅଛି । ଗାନ୍ଧୀ କେବଳ ଲୋକାଚାରରେ ସୀମିତ ଅଛନ୍ତି କି ଆନ୍ତରିକତାରେ ମଧ ସ୍ଥାନ ପାଇଛନ୍ତି ବୋଲି ରବିବାର ଓଡ଼ିଶା ରାଜ୍ୟ ଅଭିଲେଖାଗାରର ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ ପାଳନ ଅବସରରେ ଓଡ଼ିଶା ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ତଥା ଅତିରିକ୍ତ ଶାସନ ସଚିବ ରଞ୍ଜନ କୁମାର ଦାସ ପ୍ରଶ୍ନ କରିଛନ୍ତି। ମୁଖ୍ୟ ଅତିଥି ରୂପେ ଯୋଗଦେଇ ଦାସ କହିଛନ୍ତି, ସତ୍ୟ ଓ ଅହିଂସାର ଅସ୍ତ୍ର ପ୍ରୟୋଗ କରି ଗାନ୍ଧିଜୀ ଭାରତକୁ ସ୍ୱାଧୀନତା ଦେଇଥିଲେ। ଦେଶବାସୀ ବିନା ଛଳନାରେ ତାଙ୍କ ପ୍ରତି କୃତଜ୍ଞ ରହିବା ଉଚିତ୍। ଏହି ଅବସରରେ ସାମ୍ବାଦିକ ପ୍ରଦୋଷ ପଟ୍ଟନାୟକ ଶୀର୍ଷକ ‘ବିଶ୍ୱ ଦୃଷ୍ଟିରେ ଜାତିର ପିତା ମହାତ୍ମାଗାନ୍ଧୀ’ ଆଲୋଚନା କରିଛନ୍ତି। ବିଶ୍ୱର ସର୍ବାଧିକ ପ୍ରେମ, ଭାଇଚାରା, ମାନବିକ ମୂଲ୍ୟବୋଧତା , ଅନୁଗାମୀ ସୃଷ୍ଟି କରିଛନ୍ତି ମହାତ୍ମା ଗାନ୍ଧୀ। ସେ ବହୁ ବ୍ୟକ୍ତିତ୍ୱଙ୍କୁ ପ୍ରଭାବିତ କରିଛନ୍ତି ଓ ଅନେକଙ୍କ ଦ୍ୱାରା ପ୍ରଭାବିତ ହୋଇଛନ୍ତି। ସତ୍ୟର ଧାତୁ ଓ ଅହିଂସାର ଶାଣ ଦ୍ୱାରା ଦେଶକୁ ସ୍ୱାଧୀନତା ଆଣିପାରିଥିଲେ। ଏ ପର୍ଯ୍ୟନ୍ତ ତାଙ୍କ ଉପରେ ସର୍ବାଧିକ ସାହିତ୍ୟ ଓ ପୁସ୍ତକ ରଚନା କରାଯାଇଚି। ଅନ୍ୟତମ ବକ୍ତା ଭାବେ ଗବେଷିକା ଡକ୍ଟର ନିବେଦିତା ମହାନ୍ତି ଶୀର୍ଷକ ‘ଭାରତ ସ୍ୱାଧୀନତାରେ ଓଡ଼ିଶା’ ଉପରେ ମତ ରଖି ରାଜ୍ୟର ବିଭିନ୍ନ ପର୍ଯ୍ୟାୟରେ ହୋଇଥିବା ସ୍ୱାଧୀନତା ସଂଗ୍ରାମ ଉପରେ ଆଲୋକପାତ କରିଥିଲେ। ଗାନ୍ଧିବାଦୀ ଲେଖକ ପ୍ରହ୍ଲାଦ ସିଂ ଗାନ୍ଧିଜୀ ଦେଖାଯାଇଥିବା ନୀତି, ଆଦର୍ଶରୁ ସବୁ ବିଚ୍ୟୁତ ହୋଇଗଲେଣି ବୋଲି କହିଥିବା ବେଳେ ବାପୁଜୀଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। କାର୍ଯଅୟକ୍ର ଆରମ୍ଭରେ ଶେଖ ସୋଲେମନ ଅଲ୍ଲୀ ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ଅଧିକାରୀ ଦେବାନନ୍ଦ ବରିହା ଧନ୍ୟବାଦ ଅର୍ପଣ କରିଥିଲେ।




ରାଜ୍ୟ ଅଭିଲେଖାଗାରରେ ଅନୁଷ୍ଠିତ ମହାତ୍ମାଗାନ୍ଧୀଙ୍କ ମହାପ୍ରୟାଣ ଦିବସ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥିମାନେ।

## ଶିଳ୍ପ ବିଭାଗ କର୍ମଚାରୀଙ୍କ ନୀରବ ପ୍ରାର୍ଥନା

ଭୁବନେଶ୍ୱର,୩୦।୧(ବ୍ୟୁରୋ)

ଖାରବେଳ ଭବନସ୍ଥିତ ଶିଳ୍ପ ବିଭାଗର ସମ୍ମିଳନୀ କକ୍ଷଠାରେ ମହାତ୍ମାଗାନ୍ଧୀଙ୍କ ତିରୋଧାନ ଦିବସ ବା ଶହୀଦ ଦିବସ ରବିବାର ପାଳିତ ହୋଇଯାଇଛି। ଏହି ଅବସରରେ ସମସ୍ତ କର୍ମଚାରୀ ଉପସ୍ଥିତ ରହି ଦୁଇ ମିନିଟ୍ ନୀରବ ପ୍ରାର୍ଥନା ପୂର୍ବକ ଗାନ୍ଧିଜୀଙ୍କ ସ୍ମୃତିଚାରାଣ କରିଥିଲେ। ଅତିରିକ୍ତ ସଚିବ ଶୁଭେନ୍ଦ୍ର କୁମାର ନାୟକ ଅଧ୍ୟକ୍ଷତା କରି ଶହୀଦ ଦିବସ ପାଳନର ଆଭିମୁଖ୍ୟ ସମ୍ପର୍କରେ କହିଥିଲେ। ଜାତିର ଜନକ ମହାତ୍ମା ଗାନ୍ଧୀଙ୍କ ବଳିଦାନ, ଦେଶପ୍ରେମ, ସ୍ୱାଧୀନତା ସଂଗ୍ରାମ ଓ ସର୍ବୋପରି ରାଷ୍ଟ୍ରଗଠନରେ ତାଙ୍କର ଭୂମିକା ଗୁରୁତ୍ୱପୂର୍ଣ୍ଣ ଥିଲା ବୋଲି ସେ କହିଥିଲେ।

## ବିଏସ୍‌କେୱାଇ ସୁପରିଚାଳନା ପାଇଁ ବିଏମ୍‌ସିର ସ୍ୱତନ୍ତ୍ର ପଦକ୍ଷେପ

ଭୁବନେଶ୍ୱର, ୩୦।୧ (ବ୍ୟୁରୋ)

ଓଡିଶା ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା(ବିଏସ୍‌କେୱାଇ)ର ସେବା ହିତାଧିକାରୀଙ୍କୁ ସୁଚାରୁରୂପେ ମିଳିବା ସହ ଏହାର ଲକ୍ଷ୍ୟ ସାଧନକୁ ତ୍ୱରାନ୍ୱିତ କରିବା ପାଇଁ ବିଏମ୍‌ସି ପକ୍ଷରୁ ସ୍ୱତନ୍ତ୍ର ପଦକ୍ଷେପ ନିଆଯାଇଛି। ଏ ନେଇ କାର୍ଯ୍ୟାଳୟସ୍ତରୀୟ ଆଦେଶନାମା ଜାରି କରାଯାଇଛି। କମିଶନର ସଞ୍ଜୟ କୁମାର ସିଂହଙ୍କ ନିର୍ଦ୍ଦେଶକ୍ରମେ ୧୦ଜଣ ଅଧିକାରୀଙ୍କୁ ଦାୟିତ୍ୱ ଦିଆଯାଇଛି। ଏନେଇ ଅତିରିକ୍ତ କମିଶନର ଲକ୍ଷ୍ମୀକାନ୍ତ ସେଠୀଙ୍କ ଅଧ୍ୟକ୍ଷତାରେ ଏକ ବୈଠକ ବସିଥିଲା। ସମ୍ପୃକ୍ତ ଅଧିକାରୀମାନେ ନିୟମିତ ସ୍ୱାସ୍ଥ୍ୟସେବା ଅନୁଷ୍ଠାନଗୁଡିକୁ ପରିଦର୍ଶନକରି ବିବରଣୀ ପ୍ରଦାନ ସହିତ ପ୍ରତିବନ୍ଧକଗୁଡିକର ସମାଧାନ କରିବାକୁ ନିଷ୍ପତ୍ତି ଓ ଆଲୋଚନା ହୋଇଛି। ହିତାଧିକାରୀମାନେ ତାଲିକାଭୁକ୍ତ ହସ୍ପିଟାଲଗୁଡିକରେ କିପରି ଠିକ୍ ସେବା ପାଇବେ ସେସମ୍ପର୍କରେ ଅଧିକାରୀମାନେ ରୋଗୀ, ମେଡିକାଲ୍ କର୍ମଚାରୀ ଓ ସ୍ୱାସ୍ଥ୍ୟ ମିତ୍ରଙ୍କ ସହ ଆଲୋଚନା କରି ସମାଧାନର ବାଟ ବାହାର କରିବାକୁ ସହଯୋଗ କରିବେ। ଦିଆଯାଇଥିବା ସୂଚନାନୁସାରେ, ବିଏସ୍‌କେୱାଇ ସହିତ ସହରର ମୋଟ ୩୭ ସ୍ୱାସ୍ଥ୍ୟସେବା ଅନୁଷ୍ଠାନ ଯୋଡ଼ି ହୋଇଛି। ସେଗୁଡିକ ହେଲା ଆଦିତ୍ୟ ଅଶ୍ୱିନୀ ହସ୍ପିଟାଲ, ଆନ୍‌ଭିଏଣ୍ଟ ଆଣ୍ଡ୍ ହେଡ୍ ନେକ୍ ହସ୍ପିଟାଲ, ବୈଦ୍ୟନାଥ

### ଯୋଜନା ସହ ଯୋଡ଼ି ହୋଇଛି ୩୭ ହସ୍ପିଟାଲ

ମେମୋରିଆଲ ହସ୍ପିଟାଲ, ଆପୋଲୋ ହସ୍ପିଟାଲ, କେୟାର ହସ୍ପିଟାଲ, ହେମଲତା ହସ୍ପିଟାଲ ଲିମିଟେଡ୍, କଳିଙ୍ଗ ହସ୍ପିଟାଲ, କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ ଆଣ୍ଡ୍ ହସ୍ପିଟାଲ, ଏଲ୍ ଭି ପ୍ରସାଦ ଆଇ ଇନ୍‌ଷ୍ଟିଚ୍ୟୁଟ୍, ଉତ୍କଳ ହସ୍ପିଟାଲ, ଓମେନ୍ ଆଣ୍ଡ୍ ଚାଇଲ୍ଡ କେୟାର ହସ୍ପିଟାଲ, କର ଭିଜନ ଆଇ ହସ୍ପିଟାଲ, ନୀଳାଚଳ ହସ୍ପିଟାଲ, ପଣ୍ଡା ନର୍ସିଂହୋମ୍, ସମ୍ ଅଲ୍‌ଟିମେଟ, ଅଲ୍ ଇଣ୍ଡିଆ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ମେଡିକାଲ ସାଇନ୍ସ, କାନୁନ୍‌ଗୋ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ଡାଇବେଟିସ, ରୋଟାରୀ ଆଇ ହସ୍ପିଟାଲ, ଆମ୍ରି ହସ୍ପିଟାଲ୍, ଆଡ୍‌ଭାନ୍ସ ଆଇକେୟାର ହସ୍ପିଟାଲ୍, ଆଇଏମ୍‌ଏସ୍ ଆଣ୍ଡ ସମ୍ ହସ୍ପିଟାଲ, ସ୍ୱସ୍ତିକ କ୍ଲିନିକ୍ ଆଣ୍ଡ ନର୍ସିଂହୋମ୍, ବିବେକାନନ୍ଦ ହସ୍ପିଟାଲ, ଭୂମିକା ଆଇ ହସ୍ପିଟାଲ, ଶାଶ୍ୱତ ହସ୍ପିଟାଲ, ଶୁଶ୍ରୁତ ହସ୍ପିଟାଲ ଆଣ୍ଡ୍ ଟ୍ରମା କେୟାର ପ୍ରାଇଭେଟ୍ ଲିମିଟେଡ, ମଡର୍ଣ୍ଣ ହେଲ୍‌ଥ କେୟାର ହସ୍ପିଟାଲ, ଭିଜନ୍ କେୟାର ଆଇ ହସ୍ପିଟାଲ, ଏଏସଜି ଆଇ ହସ୍ପିଟାଲ, ମା ଶକ୍ତି ହସ୍ପିଟାଲ, ସଞ୍ଜିବନୀ ମେଡିକାଲ ହସ୍ପିଟାଲ, ଶ୍ରୀଶ୍ରୀ ବରୋଦା ହସ୍ପିଟାଲ ଆଣ୍ଡ୍ ସିଏଚ୍‌ସି, ବିକାଶ ହସ୍ପିଟାଲ, ବ୍ଲୁ ହ୍ୱିଲ୍ ହସ୍ପିଟାଲ, ହାଇଟେକ୍ ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲ, ସ୍ୱର୍ଣ ମଲ୍ଟି ସ୍ପେଶାଲିଟ ହସ୍ପିଟାଲ ଓ ସନ୍‌ସାଇନ୍ ହସ୍ପିଟାଲ।

## ରାଜ୍ୟ ଗ୍ରନ୍ଥାଗାରରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ

ଭୁବନେଶ୍ୱର, ୩୦।୧ (ବ୍ୟୁରୋ)

ମହାତ୍ମା ଗାନ୍ଧୀଙ୍କ ଓଡିଶା ଆଗମନର ଶତବାର୍ଷିକୀ ଓ ଶହୀଦ ଦିବସ ପାଳନ ଅବସରରେ ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରରେ ଗାନ୍ଧିଜୀଙ୍କୁ ନେଇ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ପ୍ରଦର୍ଶନୀକୁ ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଉଦ୍‌ଘାଟନ କରିଥିଲେ। ଆଗାମୀ ଦିନରେ ରାଜ୍ୟ ଗ୍ରନ୍ଥାଗାର ତରଫରୁ ବିଭିନ୍ନ ବରପୁତ୍ରଙ୍କ ଜୟନ୍ତୀ, ଶ୍ରାଦ୍ଧୋତ୍ସ ସହ ଜାତୀୟ ଦିବସରେ ସ୍ୱତନ୍ତ୍ର ପୁସ୍ତକ ପ୍ରଦର୍ଶନୀ ଆୟୋଜନ କରାଯିବ। ଏତଦ୍‌ବ୍ୟତୀତ ରାଜ୍ୟ ଗ୍ରନ୍ଥାଗାରକୁ ଏକ ମଡେଲ ଗ୍ରନ୍ଥାଗାରରେ ପରିଣତ କରି ପାଠକସେବା ଓ ଗବେଷଣା ଭିତ୍ତିଭୂମି ଉନ୍ନୟନ କରାଯିବ ବୋଲି ନିର୍ଦ୍ଦେଶକ କହିଥିଲେ। କାର୍ଯ୍ୟକ୍ରମରେ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ମିଶ୍ର, ଅନୁସଚିବ ଶୁଭସ୍ମିତା ପ୍ରଧାନ ଯୋଗ ଦେଇଥିଲେ। ଏହି ଅବସରରେ ଗ୍ରନ୍ଥାଗାର କର୍ମଚାରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଭାରପ୍ରାପ୍ତ ଅଧିକାରୀ ଲକ୍ଷ୍ମୀଧର ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# ମରିବନି ଗାନ୍ଧିଜୀଙ୍କ ଆଦର୍ଶ

କଟକ ଅଫିସ, ୩୦।୧

ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ଅବସରରେ ଉତ୍କଳ ସର୍ବୋଦୟ ମଣ୍ଡଳ ପକ୍ଷରୁ ମୁଁ କାହିଁକି ଗାନ୍ଧୀଙ୍କୁ ମାରିଲି ଚଳଚ୍ଚିତ୍ରକୁ ବିରୋଧ କରି ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। କଟକ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ମଣ୍ଡଳ ସମ୍ପାଦକ ରମାକାନ୍ତ ମଣ୍ଡଳଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ବକ୍ତାମାନେ କହିଥିଲେ, ଗାନ୍ଧିଜୀଙ୍କ ମୃତ୍ୟୁ ହୋଇଛି ମାତ୍ର ତାଙ୍କ ଆଦର୍ଶ କେବେ ମରିବ ନାହିଁ। ଗାନ୍ଧିଜୀଙ୍କ ମହାପ୍ରୟାଣ ପରେ ମୁଁ କାହିଁକି ଗାନ୍ଧୀଙ୍କୁ ମାରିଲି ଚଳଚ୍ଚିତ୍ର ମାଧ୍ୟମରେ ଗାନ୍ଧୀ ହତ୍ୟାର ଯଥାର୍ଥତା ପ୍ରତିପାଦନ କରିବା ପାଇଁ ଅପଚେଷ୍ଟା କରାଯାଉଛି। ଲକ୍ଷ୍ମୀପ୍ରିୟା ମହାନ୍ତି, କୈଳାସ ବରାଳ, କୁଳମଣି ବେହେରା, ବିଜୟଲକ୍ଷ୍ମୀ ମହାନ୍ତି, ରେଣୁକା ସାହୁ, ଇନ୍ଦୁମତୀ ସାହୁ, ଝିଲି ରାଉଳ, ରାକେଶ ସେଠୀ, ଚିତ୍ତରଞ୍ଜନ ପତି ପ୍ରମୁଖ ଉପସ୍ଥିତ ଥିଲେ। ମାଳତୀ ପାତ୍ର ଧନ୍ୟବାଦ ଦେଇଥିଲେ।

ସେହିପରି ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ଉତ୍କଳ ଗାନ୍ଧୀ ସ୍ମାରକ ନିଧି, ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଓ ରାଷ୍ଟ୍ରୀୟ ଯୁବା ସଂଗଠନ ପକ୍ଷରୁ ଏକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଲକ୍ଷ୍ମୀପ୍ରିୟା ମହାନ୍ତିଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଜୟନ୍ତ କୁମାର ଦାସ, ବିଚାରପତି ମନୋରଞ୍ଜନ ମହାନ୍ତି, ଡ. ସତ୍ୟ ରାୟ, ସେକ୍ ଅବଦୁଲ୍ଲା, ଯୁଗଳ କିଶୋର ନାୟକ, ଖଗେଶ୍ୱର ସେଠୀ, ପ୍ରଶାନ୍ତ ଦାସ, କୈଳାସ ଚନ୍ଦ୍ର ବରାଳ, ଅଧ୍ୟାପକ ସେକ କଲିମୁଲ୍ଲା, ଅନ୍ନପୂର୍ଣ୍ଣା ସାହୁ, ହରମୋହନ ପତି, ଚିତ୍ତରଞ୍ଜନ ନାୟକ ପ୍ରମୁଖ ଯୋଗଦେଇଥିଲେ । ଏହି କାର୍ଯ୍ୟକ୍ରମରେ ବକ୍ତାମାନେ କହିଥିଲେ, ମହାତ୍ମା ଗାନ୍ଧୀ ଅହିଂସା ଓ ସତ୍‌ମାର୍ଗରେ ରହି ଦେଶକୁ ସ୍ୱାଧୀନ କରିଥିଲେ। ଭାରତରେ କେତେକ ରାଜନୈତିକ ଗୋଷ୍ଠୀ ମହାତ୍ମା ଗାନ୍ଧୀଙ୍କୁ ବଦ୍‌ନାମ କରିବା ପାଇଁ ଚକ୍ରାନ୍ତ ଚଳାଇଛନ୍ତି ବୋଲି ବକ୍ତାମାନେ କହିଥିଲେ। ଅନିମା ରାୟ ଧନ୍ୟବାଦ ଦେଇଥିଲେ।

## ଶୋଷଣମୁକ୍ତ ସମାଜ ନିର୍ମାଣ ଥିଲା ଗାନ୍ଧିଜୀଙ୍କ ପରିକଳ୍ପନା

ଭୁବନେଶ୍ୱର, ୩୦।୧(ବ୍ୟୁରୋ)

ହିଂସା, ଭୟ ଘୃଣା ଓ ଶୋଷଣମୁକ୍ତ ସମାଜ ନିର୍ମାଣ ଥିଲା ଗାନ୍ଧିଜୀଙ୍କ ବିଶ୍ୱ ପରିକଳ୍ପନା। ଗାନ୍ଧିଜୀଙ୍କ ସାଧନା ଓ ତ୍ୟାଗକୁ ସ୍ୱୀକାର କରିବା ପାଇଁ ପୁନଃ ନୂତନ ଭାବେ ଗଭୀର ଅଧ୍ୟୟନ କରିବାର ଆବଶ୍ୟକତା ରହିଛି ବୋଲି ଉତ୍କଳ ବିଶ୍ୱବିଦ୍ୟାଳୟ ପକ୍ଷରୁ ‘ଅହିଂସା ସ୍ଥଳ’ରେ ଆୟୋଜିତ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଓ ୭୪ତମ ଶହୀଦ ଦିବସ ପାଳନ ଅବସରରେ ମତ ପ୍ରକାଶ ପାଇଛି। କୁଳପତି ପ୍ରଫେସର ସବିତା ଆଚାର୍ଯ୍ୟ ମୁଖ୍ୟଅତିଥି ଭାବେ ଯୋଗଦେଇ ଗାନ୍ଧିଜୀଙ୍କର ସୁଦୂର ପ୍ରଭାବୀ ଓଡ଼ିଶା ଆଗମନ ଏବଂ ଦେଶ ପାଇଁ ତାଙ୍କର ଅବିସ୍ମରଣୀୟ ଅବଦାନ ଉପରେ ସଂକ୍ଷେପରେ ଅଭିଭାଷଣ ରଖିଥିଲେ। ପିଜି କାଉନସିଲ ଅଧ୍ୟକ୍ଷ ପ୍ରଫେସର ବସନ୍ତ କୁମାର ମଲ୍ଲିକ କହିଲେ, ବାପୁଜୀଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଆମ ଜୀବନର ବ୍ରତ ରୂପେ ପାଳନ କଲେ ଏହା ତାଙ୍କ ପାଇଁ ଆମର ପ୍ରକୃତ ଶ୍ରଦ୍ଧାଞ୍ଜଳି ହେବ। ଏହି କାର୍ଯ୍ୟକ୍ରମରେ ପ୍ରଫେସର କୁଞ୍ଜବିହାରୀ ପଣ୍ଡା, ଜାତୀୟ ସେବା ଯୋଜନାର କାର୍ଯ୍ୟକ୍ରମ ସଂଯୋଜକ ଡ.ବ୍ରଜନାରାୟଣ ପାତ୍ର, ଅଧିକାରୀ କୀର୍ତ୍ତିରଞ୍ଜନ ମଲ୍ଲିକ, ରବିନାରାୟଣ ପାତ୍ର ସମେତ ବିଶ୍ୱବିଦ୍ୟାଳୟର ଶିକ୍ଷକ କର୍ମଚାରୀ ଓ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।

# ରବୀନ୍ଦ୍ର, ରାଧାମୋହନଙ୍କୁ ଗୁରୁ ରଘୁନାଥ ଦତ୍ତ ସମ୍ମାନ

କଟକ ଅଫିସ,୩୦।୧

କଟକ କଳାବିକାଶ କେନ୍ଦ୍ର ପ୍ରେକ୍ଷାଳୟରେ ସାଂସ୍କୃତିକ ଅନୁଷ୍ଠାନ ସୁର ମନ୍ଦିର ପକ୍ଷରୁ ଗୁରୁ ରଘୁନାଥ ଦତ୍ତ ସମ୍ମାନ ପ୍ରଦାନ ଉତ୍ସବ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟଅତିଥି ଭାବେ ଡ. ଏସ୍.ଏନ୍. ସେନାପତି ଯୋଗଦେଇ କହିଥିଲେ, ଗୁରୁ ରଘୁନାଥ ଦତ୍ତ ଥିଲେ ଓଡ଼ିଶୀ ନୃତ୍ୟ ଜଗତର ଜଣେ ପ୍ରବାଦ ପୁରୁଷ। ଏଥିରେ ସମ୍ମାନିତ ଅତିଥି ଭାବେ ଡ. ଦୀପ୍ତିରାଣୀ ସାମନ୍ତ ଯୋଗଦେଇଥିଲେ। ଏହି ଅବସରରେ ଡକ୍ୟୁମେଣ୍ଟାରି ଚଳଚ୍ଚିତ୍ର ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷିତ ହୋଇଥିଲା। ଏଥିସହ ରବୀନ୍ଦ୍ର ନାଥ ମହାନ୍ତିଙ୍କୁ ଗୁରୁ ରଘୁନାଥ ଦତ୍ତ ସମ୍ମାନ ପ୍ରଦାନ କରାଯାଇଥିଲା। ସେହିପରି ୨୦୨୧ ପାଇଁ ରାଧା ମୋହନ ସାହୁଙ୍କୁ ଏହି ସମ୍ମାନରେ ସମ୍ମାନିତ କରାଯାଇଥିଲା। ଆଶୀର୍ବାଦ ବେହେରା, ପ୍ରସନ୍ନଜିତ ମହାନ୍ତି, ଶ୍ରୀନିବାସ ଘଟୁଆରି ପ୍ରମୁଖ ଉପସ୍ଥିତଥିଲେ।



ଉତ୍ସବରେ ରବୀନ୍ଦ୍ର ନାଥ ମହାନ୍ତି ଓ ରାଧାମୋହନ ସାହୁଙ୍କୁ ସମ୍ମାନିତ କରାଯାଉଛି।

## ବିଜେଡିରେ ଶତାଧିକ ସାମିଲ

ପୁରୁଣା ଭୁବନେଶ୍ୱର,୩୦।୧(ଡି.ଏନ୍.ଏ.)

ଏକାମ୍ର ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ବାସୁଆଘାଇ ପଞ୍ଚାୟତ ସରପଞ୍ଚ ବିନୋଦିନୀ ଜେନା, ପୂର୍ବତନ ସରପଞ୍ଚ କୈଳାସ ଜେନା, ମୋହନ ପଣ୍ଡା, ସୂର୍ଯ୍ୟ ରଞ୍ଜନ ଜେନାଙ୍କ ସମେତ ଶତାଧିକ ଭାଜପା କର୍ମୀ ବିଜେଡିରେ ସାମିଲ ହୋଇଛନ୍ତି। କାର୍ଯ୍ୟକ୍ରମରେ ମନ୍ତ୍ରୀ ଅଶୋକ ଚନ୍ଦ୍ର ପଣ୍ଡା, ଖୋର୍ଦ୍ଧା ଜିଲା ବିଜେଡି ପର୍ଯ୍ୟବେକ୍ଷକ ବିଧାୟିକା ପ୍ରମିଳା ମଲ୍ଲିକ, ଜିଲା ବିଜେଡି ସଭାପତି ବିଭୂତି ବଳବନ୍ତରାୟ, ବିଧାୟକ ସୁଶାନ୍ତ ରାଉତ, ସୁବାସ ସୁନ୍ଦରାୟ, ପ୍ରତାପ ଜେନା, କୈଳାସ ପାତ୍ର, ମହେନ୍ଦ୍ର ଜଗଦେବ, କୃତାର୍ଥ ପ୍ରଧାନ, ଜ୍ଞାନ ରଞ୍ଜନ ଜେନା, ଅଶୋକ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

## ସଂକ୍ଷେପରେ

### ରୋଷେଇ ନିଆଁରୁ ୪ ଘର ଜଳିଗଲା

ଖୋର୍ଦ୍ଧା ଅଫିସ,୩୦।୧: ଖୋର୍ଦ୍ଧା ଉପକଣ୍ଠ ହଳଦିଆ ପାଟରାସାହିରେ ରବିବାର ଅଗ୍ନିକାଣ୍ଡ ଘଟି ୪ଟି ଘର ଜଳିଯାଇଛି। ଖବର ପାଇ ଅଗ୍ନିଶମ କର୍ମଚାରୀ ପହଞ୍ଚି ସ୍ଥାନୀୟ ଲୋକଙ୍କ ସହାୟତାରେ ନିଆଁ ଲିଭାଇଥିଲେ। ସୂଚନା ଅନୁଯାୟୀ, ମଧ୍ୟାହ୍ନରେ ରୋଷେଇ ଘରେ ରୋଷେଇ ଚାଲିଥିଲା। ଏହି ସମୟରେ ନିଆଁର ଧାସ ଉଡ଼ି ଅଗ୍ନିକାଣ୍ଡ ଘଟିଥିଲା। ଚାହୁଁ ଚାହୁଁ ନିଆଁ ଉଗ୍ରରୁପ ଧାରଣ କରି ପାଖ ଘର ଚାଳକୁ ଲାଗିଯାଇଥିଲା। ସ୍ଥାନୀୟ ଲୋକେ ନିଆଁ ଲିଭାଇବାକୁ ଉଦ୍ୟମ କରିବା ସହ ଦମକଳ ବାହିନୀକୁ ଖବର ଦେଇଥିଲେ।

### ଘର ବୁଲି ପାଠପଢ଼ା ସ୍ଥିତି ପରଖିଲେ ସିଆର୍‌ସିସି



ବୋଲଗଡ଼,୩୦।୧(ଡି.ଏନ୍.ଏ.): କୋଭିଡ୍ ଯୋଗୁ ବିଦ୍ୟାଳୟରେ ପାଠପଢ଼ା ବନ୍ଦ ରହିଛି। ତେବେ ମୌଳିକ ଭାଷା ଓ ସଂଖ୍ୟା ଜ୍ଞାନ ବିକାଶର ଅଭିବୃଦ୍ଧି ନିମନ୍ତେ ମିଳିଥିବା ପୁସ୍ତିକାକୁ ଛାତ୍ରାଛାତ୍ର ଘରେ ଅଭ୍ୟାସ କରୁଛନ୍ତି। ଶନିବାର ଖୋର୍ଦ୍ଧା ଜିଲା ଶିକ୍ଷକ ପ୍ରଶିକ୍ଷଣ ଅନୁଷ୍ଠାନର ପ୍ରଶିକ୍ଷକ ଅକ୍ଷୟ ମହାନ୍ତି, ପିଚୁକୁଳି କ୍ଲଷ୍ଟର ସିଆର୍‌ସିସି ଦୁର୍ଗା ପ୍ରସାଦ ସୁବୁଦ୍ଧି ବୋଲଗଡ଼ ବ୍ଲକ ଅସରଳା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ପାଠ ପଢୁଥିବା ଛାତ୍ରାଛାତ୍ରଙ୍କ ଘରେ ପହଞ୍ଚି ପାଠ୍ୟପୁସ୍ତକ ଓ ଅଭ୍ୟାସ ପୁସ୍ତକ ପର୍ଯ୍ୟବେକ୍ଷଣ କରି ଅଭିଭାବକଙ୍କ ସହ ଆଲୋଚନା କରିଥିଲେ। ଅସରଳା ପ୍ରାଥମିକ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ବିଦ୍ୟାର୍ଥୀଙ୍କ ଅଭ୍ୟାସ କାର୍ଯ୍ୟ ସନ୍ତୋଷଜନକ ରହିଛି ବୋଲି ଜିଲା ଶିକ୍ଷକ ପ୍ରଶିକ୍ଷକ ମହାନ୍ତି କହିଛନ୍ତି।

### ସାମାଜିକ କର୍ମୀଙ୍କ ପରଲୋକ

ନିରାକାରପୁର,୩୦।୧(ଡି.ଏନ୍.ଏ.): ଖୋର୍ଦ୍ଧା ଜିଲା ନିରାକାରପୁର ପଞ୍ଚାୟତ ପାଣ୍ଡବ ପାଟଣା ଗ୍ରାମରେ ଶନିବାର ଜଣେ ସାମାଜିକ କର୍ମୀଙ୍କ ପରଲୋକ ହୋଇଯାଇଛି। ସେ ହେଲେ ଯଦୁମଣି ଦାସ(୧୦୨)। ବାର୍ଦ୍ଧକ୍ୟଜନିତ ଯୋଗୁ ସେ କିଛିଦିନ ଧରି ମେଡିକାଲରେ ରହିବା ପରେ ଶନିବାର ନିଜ ବାସଭବନରେ ଶେଷନିଃଶ୍ୱାସ ତ୍ୟାଗ କରିଛନ୍ତି। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଥିବା ବେଳେ ପୁଅ ଶୁଭମ୍ ମୁଖାଗ୍ନି ଦେଇଥିଲେ। ସେ ଜଣେ ମିଷ୍ଟଭାଷୀ ଓ ପରୋପକାରୀ ଭାବେ ବେଶ୍ ଜଣାଶୁଣା।

### ମଦ ଜବତ, ଯୁବକ ଗିରଫ

ଖୋର୍ଦ୍ଧା ଅଫିସ,୩୦।୧ : ଖୋର୍ଦ୍ଧା ପୌର କାର୍ଯ୍ୟାଳୟ ପଛପଟୁ ଟାଉନ ପୋଲିସ ୧୬ଲିଟର ଦେଶୀ ମଦ ଜବତ କରିବା ସହ ଜଣେ ଯୁବକଙ୍କୁ ଗିରଫ କରିଛି। ସେ ହେଲେ ଉପରସାହିର ଉମାକାନ୍ତ ଜେନା। ଉମାକାନ୍ତ ସାଇକେଲରେ ମଦ ବିକ୍ରି କରୁଥିଲେ। ଏ ନେଇ କୌଣସି ସୂତ୍ରରୁ ଖବର ପାଇ ପୋଲିସ ତାଙ୍କୁ ଗିରଫ କରିଥିଲା।

### ଗୋଷ୍ଠୀ ଶିକ୍ଷା କାର୍ଯ୍ୟାଳୟର ନୂତନ ଗୃହ ପ୍ରତିଷ୍ଠା

ବୋଲଗଡ଼,୩୦।୧(ଡି.ଏନ୍.ଏ.):ବୋଲଗଡ଼ ବ୍ଲକ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ ନୂତନ କାର୍ଯ୍ୟାଳୟ ପ୍ରତିଷ୍ଠା ଓ ଗୃହ ପ୍ରବେଶ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ବୈଦିକ ବ୍ରାହ୍ମଣଙ୍କ ଦ୍ୱାରା ପୂଜାପାଠ, ହୋମ ଆଦି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଗୋଷ୍ଠୀ ଶିକ୍ଷା ଅଧିକାରୀ ଡ. ନିରଞ୍ଜନ ମହାନ୍ତି କର୍ତ୍ତା ଓ ପଣ୍ଡିତ ହରମୋହନ ରଥ ପୁରୋହିତ ଭାବେ କାର୍ଯ୍ୟ ସମ୍ପାଦନ କରିଥିଲେ। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ପ୍ରଭାସିନୀ ସିଂହ, ପଦ୍ମଚରଣ ବେହେରା, ସିଦ୍ଧେଶ୍ୱର ସାହୁ, ଖବରଦାତା ପାଣ୍ଡବ ସାହୁ, ସାଧନ କେନ୍ଦ୍ର ସଂଯୋଜକ ଓ ଶିକ୍ଷକ ସଂଘର କର୍ମକର୍ତ୍ତା ଉପସ୍ଥିତ ଥିଲେ।

# ଶ୍ରୀମନ୍ଦିର ରତ୍ନଅଳଙ୍କାର ଗଣନା ହେଉନି

ପୁରୀ ଅଫିସ,୩୦।୧



- ୪ ବର୍ଷ ହେଲା ବୈଠକରେ ସୀମିତ ରହିଛି ନିଷ୍ପତ୍ତି
- ବିଧିବ୍ୟବସ୍ଥା ଓ ପରିଚାଳନା କମିଟି ନିଷ୍ପତ୍ତିକୁ ଅଣଦେଖା

ଶ୍ରୀମନ୍ଦିର ଭିତରଭଣ୍ଡାର ଚାବି ପ୍ରସଙ୍ଗ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ରତ୍ନ ଅଳଙ୍କାର ଗଣନା ନ ହେବା ନେଇ ପ୍ରଶ୍ନ ଉଠିଛି। ୨୦୧୮ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନଅଳଙ୍କାର ଗଣନା ପାଇଁ ମତ ପ୍ରକାଶ ପାଇଥିଲା। ଆସନ୍ତା ଏପ୍ରିଲ ୪ରେ ଏହି ନିଷ୍ପତ୍ତିକୁ ୪ ବର୍ଷ ପୂରିବାକୁ ଯାଉଛି। ମାତ୍ର ଏପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗଣାଯାଇନାହିଁ। ଏଭଳି ଭାବେ ଶ୍ରୀମନ୍ଦିର ବିଧିବ୍ୟବସ୍ଥା ଓ ପରିଚାଳନା କମିଟି ନିଷ୍ପତ୍ତିକୁ ଅଣଦେଖା କରାଯାଉଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭିତରଭଣ୍ଡାର ଚାବି ପ୍ରସଙ୍ଗ ଚର୍ଚ୍ଚାକୁ ଆସିବା ପରେ ୨୦୧୮ ଏପ୍ରିଲ ୪ରେ ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା ଚାବି ହଜିବା କଥା କହିବା ସହ ଭିତର ରତ୍ନଭଣ୍ଡାର ଚାବି ଭାଙ୍ଗିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଗଜପତି ମହାରାଜା ଦିବ୍ୟସିଂହ ଦେବ ଏପରିଚାଳନା କମିଟି ସଦସ୍ୟମାନେ ଚାବି ନ ଭାଙ୍ଗି ପ୍ରଥମେ ଖୋଜାଯିବା ସପକ୍ଷରେ ମତ ରଖିଥିଲେ। ଏହାପରେ ସର୍ବସମ୍ମତି କ୍ରମେ ଚାବି ଖୋଜିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜିଲା କୋଷାଗାରରେ ୧୯୭୦ ପରଠାରୁ ଚାବି ଜମାଦିଆଯାଇଥିବା ନେଇ ତଥ୍ୟ ନ ଥିବା ବୈଠକରେ ପ୍ରକାଶ କରିଥିଲେ। ତେବେ ଚାବି ପ୍ରଥମେ ଖୋଜାଯାଉ, ଚାବି ନ ମିଳିଲେ ଆଗାମୀ ପରିଚାଳନା କମିଟି ବୈଠକର ଅନୁମୋଦନ କ୍ରମେ ଚାବି ଭଙ୍ଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ବୈଠକରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରରୁ ପ୍ରତି ୩ବର୍ଷକୁ ଥରେ ଗଣତି ହେବାର ପ୍ରାବଧାନ ରହିଛି। ତେଣୁ ସମସ୍ତ ସଭ୍ୟମାନେ ପୁଣି ଥରେ ରତ୍ନଅଳଙ୍କାର ଗଣତି କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏହି ନିଷ୍ପତ୍ତିକୁ ଆସନ୍ତା ଏପ୍ରିଲରେ ୪ବର୍ଷ ପୂରିବ। ମାତ୍ର ଏପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗଣନା ନିମନ୍ତେ ପ୍ରଶାସନ ଆଗ୍ରହ ଦେଖାଉ ନାହିଁ। ସୂଚନାଯୋଗ୍ୟ, ଶେଷ ଥର ପାଇଁ ୧୯୭୮ ମେ ୧୩ରୁ ଜୁଲାଇ ୨୩ ମଧ୍ୟରେ ରତ୍ନ ଅଳଙ୍କାର ଗଣତି ହୋଇଥିବା ବେଳେ ଏହି ତାଲିକାକୁ ଏକ ପୁସ୍ତକ ଆକାରରେ ସତ୍ୟବାଦୀ ପ୍ରେସ୍‌ରେ ଛପାଯାଇଥିଲା। ଏହି ତାଲିକାର ଶହେ ନକଲ ଜିଲା ଟ୍ରେଜେରିରେ ରହିଥିବା ଜଣାପଡ଼ିଛି। ସଂପୃକ୍ତ ତାଲିକାକୁ ଆଧାର କରି ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଗଣନା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାକୁ ୪ ବର୍ଷ ପୂରିବାକୁ ବସିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଚାବି ହଜିବା ପରେ ରାଜ୍ୟ ସରକାର ରତ୍ନ ଅଳଙ୍କାର ଗଣତି ପାଇଁ ପଦକ୍ଷେପ ନେବା ଏକ ନ୍ୟାଯ୍ୟ ଦାବି। ଏନେଇ ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାହାରି ଏଥିପ୍ରତି ଧ୍ୟାନ ନାହିଁ। ୩ବର୍ଷରେ ଥରେ ରତ୍ନଅଳଙ୍କାର ଗଣନା ନେଇ ସ୍ୱତ୍ୱଲିପିରେ ଉଲ୍ଲେଖ ଥିବାବେଳେ କାହିଁକି ତାହା କାର୍ଯ୍ୟକାରୀ ହେଉନି ସବୁଠାରୁ ବଡ଼ ପ୍ରଶ୍ନ। ସରକାର ରତ୍ନଅଳଙ୍କାର ଗଣତି ପ୍ରକ୍ରିୟା ଆରମ୍ଭ କରି ଜଗନ୍ନାଥପ୍ରେମୀଙ୍କ ମନରେ ଥିବା ଆଶଙ୍କାକୁ ଦୂର କରନ୍ତୁ। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରତ୍ନଅଳଙ୍କାର ଚୋରି ହୋଇଥିବାରୁ ରାଜ୍ୟ ସରକାର ଜାଣିଶୁଣି ଏହି ପ୍ରସଙ୍ଗ ଉପରେ ଧ୍ୟାନ ଦେଉନାହାନ୍ତି। ସରକାର ଯଦି ବାସ୍ତବରେ ଜଗନ୍ନାଥପ୍ରେମୀ ଓ ସ୍ୱଚ୍ଛ ତେବେ ରତ୍ନ ଅଳଙ୍କାର ଗଣନା ଲାଗି ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ୨୦୧୮ ଏପ୍ରିଲ ବୈଠକରେ ରତ୍ନଅଳଙ୍କାର ଗଣନା ନେଇ ମତ ପ୍ରକାଶ ପାଇଥିଲା। ମାତ୍ର ଏହାର ପରବର୍ତ୍ତୀ ବୈଠକଗୁଡ଼ିକରେ ଆଉ ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇନାହିଁ କିମ୍ବା କେବେ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଆମପାଖରେ ନାହିଁ। ପ୍ରଶାସନ କେବଳ ଏହି ସୂଚନା ଦେଇପାରିବ। ଅପରପକ୍ଷେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।



ଓଡ଼ିଆ ଭାଷା ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ରବିବାର ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେ ବର୍ଷ ପୂର୍ତ୍ତି ଓ ଶହୀଦ ଦିବସ ପାଳନ ଅବସରରେ ଅତିଥିମାନେ ଗାନ୍ଧିଜୀଙ୍କ ଜୀବନୀ ଆଧାରିତ ଷ୍ଟୋରି ଟେଲିଙ୍ଗ ସିଡୀ 'ତୁମେ କହିଥିଲ ବାପୁ'କୁ ଉନ୍ମୋଚନ କରୁଛନ୍ତି।

## ମାତୃଭାଷାର ଆଦର ବିନା ପ୍ରଗତି ନାହିଁ

ଖୋର୍ଦ୍ଧା ଅଫିସ,୩୦।୧

ଖୋର୍ଦ୍ଧା ଜିଲା ସାହିତ୍ୟ ସମାଜ ଆନୁକୂଲ୍ୟରେ ଗୀତା ଭବନରେ ରବିବାର ସାହିତ୍ୟିକ ଅଧ୍ୟାପକ ବିଶ୍ୱରଞ୍ଜନଙ୍କ 'କଥା ଓଡ଼ିଶୀ' ପୁସ୍ତକ ଉନ୍ମୋଚିତ ହୋଇଯାଇଛି। ଅନୁଷ୍ଠାନର ସଭାପତି ଡ. ସୁରେଶ ଚନ୍ଦ୍ର ଛୋଟରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପୂର୍ବତନ କୁଳପତି ମେଜର କ୍ଷୀରୋଦ ପ୍ରସାଦ ମହାନ୍ତି ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ପ୍ରଫେସର୍ ନାରାୟଣ ରାଓ, ଶିକ୍ଷାବିତ ସତ୍ୟବାଦୀ ବଳିଆରସିଂହ ମଞ୍ଚାସୀନ ଥିଲେ। ସମ୍ପାଦକ ଜ୍ଞାନରଞ୍ଜନ ଦାଶ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅଧ୍ୟାପକ ବିଶ୍ୱରଂଜନ କହିଥିଲେ, ଭାଷାଭିତ୍ତିକ ପ୍ରଦେଶ ଗଠନରେ ଓଡ଼ିଶା ହେଉଛି ପ୍ରଥମ ରାଜ୍ୟ। ଭାଷା ଗୋଟିଏ ଜାତିର ପରିଚୟ। ଜାତି ତା'ର ମାତୃଭୂମି, ମାତୃଭାଷାକୁ ନେଇ ଗର୍ବ କରେ। ମାତୃଭୂମି ହେଉଛି ନମସ୍ୟ। ଯେଉଁଠି ମାତୃଭାଷାର ଆଦର ନାହିଁ ସେଠାରେ ପ୍ରଗତି ନାହିଁ। ଗଠନମୂଳକ ସମାଜ ଦିଗରେ ସାହିତ୍ୟିକ, ଲେଖକମାନେ କଲମ ଚାଳନା କରନ୍ତୁ ବୋଲି ସେ କହିଥିଲେ। ମେଜର ମହାନ୍ତି କହିଲେ ଯେ, ଓଡ଼ିଆ ଭାଷା ଶାସ୍ତ୍ରୀୟ ମାନ୍ୟତା ଲାଭ ପରେ ଏହାର ଗୌରବ ବୃଦ୍ଧି ପାଇଛି। କାର୍ଯ୍ୟକ୍ରମରେ ପ୍ରାଧ୍ୟାପକ ଗୋପାଳକୃଷ୍ଣ ଦାସ, ସାହିତ୍ୟିକ ଡ. ପ୍ରମୋଦ ଚନ୍ଦ ଦାଶ, ଆଇନଜୀବୀ ଶକ୍ତିଶଙ୍କର ମିଶ୍ର, ଖବରଦାତା ସମରେନ୍ଦ୍ର ବଳିଆରସିଂହ, ଅଧ୍ୟାପକ ଡ. ସୋମନାଥ ବିଶୋୟୀ, ବିଭୁ ହୋତା, ବଂଶୀଧର ପଣ୍ଡା, ଜବାହରଲାଲ ସୁବୁଦ୍ଧି, ଜ୍ୟୋତିପ୍ରଭା ପଟ୍ଟନାୟକ, ଦିବ୍ୟଲୋଚନ ଭାରିମଲ୍ଲ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ରାଧାମଣି ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

## ଭୋଟର ତାଲିକାରେ ଚଞ୍ଚକତା

ଖୋର୍ଦ୍ଧା ଅଫିସ,୩୦।୧

- ୧୧୭ ଜଣ ମତଦାନରୁ ବଞ୍ଚିତ ହେବେ
- ୯୦ ଭୋଟରଙ୍କ ନାମ ଅନ୍ୟ ୱାର୍ଡରେ ରହିଛି

ମତଦାନ ହେଉଛି ନାଗରିକଙ୍କ ସାମ୍ବିଧାନିକ ଅଧିକାର। କୌଣସି ମତଦାତା ଯେପରି ମତଦାନରୁ ବଞ୍ଚିତ ନ ହେବେ ସେଥିଲାଗି ନିର୍ବାଚନ ଆୟୋଗଙ୍କ ପକ୍ଷରୁ ଗୁରୁତ୍ୱ ଦିଆଯାଇଥାଏ। ନିର୍ବାଚନ ପୂର୍ବରୁ ଭୋଟର ସଂଶୋଧନ, ନୂତନ ଭୋଟରଙ୍କ ନାମ ପଞ୍ଜୀକରଣ କାର୍ଯ୍ୟକୁ ତ୍ୱରାନ୍ୱିତ କରାଯାଇଥାଏ। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବଡକୁମ୍ଭାର ପଞ୍ଚାୟତ ଶ୍ରୀଚନ୍ଦନପୁର ଗ୍ରାମ ୱାର୍ଡ ନମ୍ବର ୨୨ର ଏକାଧିକ ଭୋଟରଙ୍କ ନାଁ ଭୋଟର ତାଲିକାରେ ନାହିଁ। ୧୧୭ଜଣଙ୍କ ନାମ ଭୋଟର ତାଲିକାରେ ନ ଥିବା ଜଣାପଡିଛି। ଏହାକୁ ନେଇ ଅସନ୍ତୋଷ ପ୍ରକାଶ ପାଇଛି। ଭୋଟର ତାଲିକା ସଂଶୋଧନରେ ଚଞ୍ଚକତା କରାଯାଇଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ରାଜନୈତିକ ଅଭିସନ୍ଧି ରଖି ଏଭଳି କରାଯାଇଥିବା ଗ୍ରାମବାସୀ ଗଣମାଧ୍ୟମ ଆଗରେ କହିଛନ୍ତି। ୱାର୍ଡ ନମ୍ବର ୨୨ରୁ ଏକାଧିକ ଭୋଟରଙ୍କ ନାଁ କଟିଥିବାବେଳେ ୨୧ନମ୍ବର ୱାର୍ଡର ପ୍ରାୟ ୯୦ ଜଣ ଭୋଟରଙ୍କ ନାମ ୨୨ ନମ୍ବର ୱାର୍ଡରେ ଚଢାଯାଇଛି। ଏହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଶ୍ରୀଚନ୍ଦନପୁର ଗ୍ରାମର ବଂଶୀଧର ସାହୁ କହିଛନ୍ତି, ଏହି ୨୨ନଂ ୱାର୍ଡରେ ୩୧୭ଜଣ ଭୋଟର ରହିଛନ୍ତି। ୨୦୧୭ ପଞ୍ଚାୟତ ନିର୍ବାଚନ ଏବଂ ୨୦୧୯ ସାଧାରଣ ନିର୍ବାଚନରେ ମତଦାନ ଦେଇଥିବା ଭୋଟର ଚଳିତ ବର୍ଷ ପଞ୍ଚାୟତ ନିର୍ବାଚନରେ ମତଦାନରୁ ବଞ୍ଚିତ ହେବେ। ଚଞ୍ଚକତା ପୂର୍ବକ ଭୋଟରଙ୍କ ନାଁ କଟାଯାଇଥିବା ବେଳେ ୨୧ ନମ୍ବର ୱାର୍ଡର ୯୦ଜଣ ଭୋଟରଙ୍କ ନାଁ ଏହି ୱାର୍ଡରେ ପୁନଃ ଯୋଡ଼ାଯାଇଛି। ଏହି ୱାର୍ଡରୁ ପ୍ରକୃତ ଭୋଟରଙ୍କୁ ବାଦ ଦିଆଯାଇଛି ବୋଲି ଗ୍ରାମର ଜଗନ୍ନାଥ ଚମ୍ପତି, ପ୍ରକାଶ ଚମ୍ପତି, ପ୍ରାଣକୃଷ୍ଣ ଚମ୍ପତି, ଚକ୍ରଧର ରାଉତ, ବୈକୁଣ୍ଠ ଚମ୍ପତି, ସନାତନ ବେହେରା ପ୍ରମୁଖ ଅଭିଯୋଗ ଆଣି ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ରାଜ୍ୟ ନିର୍ବାଚନ ଆୟୋଗ ଏବଂ ଜିଲା ପ୍ରଶାସନ ନିକଟରେ ମଧ୍ୟ ଅଭିଯୋଗ କରାଯାଇଛି ବୋଲି ସେମାନେ ପ୍ରକାଶ କରିଛନ୍ତି।

## ଗ୍ରାହକ ସାଜି ସୁନା ଅଳଙ୍କାର ଲୁଟିଲେ

ଖୋର୍ଦ୍ଧା ଅଫିସ,୩୦।୧

ଖୋର୍ଦ୍ଧା ଟାଉନ ଥାନା ଅଧୀନ ଗୁରୁଜଙ୍ଗସ୍ଥିତ ଏକ ସୁନାଦୋକାନରୁ ଲୁଟ୍ ହୋଇଛି। ଜଣେ ଲୁଟେରା ଗ୍ରାହକ ସାଜି ଏହି ଦୋକାନରୁ ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ଫେରାର ହୋଇଯାଇଥିବା ରବିବାର ଟାଉନ୍ ଥାନାରେ ଅଭିଯୋଗ ହୋଇଛି। ସିସିଟିଭି ଫୁଟେଜରେ ଏହି ଘଟଣା କଏଦ ହୋଇଛି। ଏ ନେଇ ପୋଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ସୂଚନା ଅନୁଯାୟୀ, ଶନିବାର ରାତିରେ ଜଣେ ଯୁବକ ମାସ୍କ ପରିଧାନ କରି ସୁନାଗହଣା କିଣିବା ବାହନାରେ ଉକ୍ତ ଦୋକାନକୁ ଆସିଥିଲେ। ପ୍ରଥମେ ଏକ ସୁନାର ଲକେଟ କିଣି ଚାଲିଯାଇଥିଲେ। କିଛି ସମୟ ପରେ ପୁଣି ଆସି କାନଫୁଲ ଦେଖାଇବାକୁ କହିଥିଲେ। ଦୋକାନୀ କାନଫୁଲ ଦେଖାଉଥିବା ସୁଯୋଗ ନେଇ ପାଖରେ ଥିବା ସୁନା ଗହଣା ଧରି ଚମ୍ପଟ ମାରିବା ବେଳେ ଦୋକାନୀ ତାଙ୍କ ପିଛା କରିଥିଲା। ତେବେ ପଛପଟୁ ଦ୍ରୁତଗତିରେ ଆସୁଥିବା ଏକ ବାଇକରେ ଲୁଟେରା ବସି ଚମ୍ପଟ ମାରିଥିଲେ। ଏନେଇ ଦୋକାନୀ ଜଣକ ଥାନାରେ ଅଭିଯୋଗ କରିଥିଲେ। ଘଟଣାର ତଦନ୍ତ ଜାରି ରହିଛି ବୋଲି ଟାଉନ ଥାନାଧିକାରୀ ସଞ୍ଜୟ ପଟ୍ଟନାୟକ କହିଛନ୍ତି। ସୂଚାଯୋଗ୍ୟ, କିଛି ମାସ ତଳେ କେତେଜଣ ଦୁର୍ବୃତ୍ତ ସମ୍ପୃକ୍ତ ସୁନାଦୋକାନର ଶଟର ତାଡ଼ି ଲକ୍ଷାଧିକ ଟଙ୍କାର ସୁନାଗହଣା ଲୁଟି ନେଇଥିଲେ। ଗୁରୁଜଙ୍ଗରେ ଲୁଟେରାଙ୍କ ପ୍ରାଦୁର୍ଭାବ ବଢିବାରେ ଲାଗିଛି। ଟାଉନ ପୋଲିସ ଏମାନଙ୍କୁ ଧରିବାରେ ବିଫଳ ହେଉଥିବା ସାଧାରଣରେ ଅଭିଯୋଗ ହେଉଛି।

## ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ବାର୍ଷିକୋତ୍ସବ

ନିରାକାରପୁର,୩୦।୧(ଡି.ଏନ୍.ଏ.)

ଖୋର୍ଦ୍ଧା ଜିଲା ଜଙ୍କିଆଠାରେ ଥିବା ପ୍ରଜାପିତା ବ୍ରହ୍ମାକୁମାରୀ ଆଶ୍ରମରେ ୨୨ତମ ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ବ୍ରହ୍ମାକୁମାରୀ ଲିନା, ବୀରେନ୍ଦ୍ର ପଣ୍ଡା ପ୍ରମୁଖ ଅତିଥିଭାବେ ଯୋଗଦେଇ ଆଧ୍ୟାତ୍ମିକ ଚେତନା ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ନୃତ୍ୟଧାରା ଡ୍ୟାନ୍ସ ଏକାଡେମୀ କଳାକାର ଅଭିମନ୍ୟୁ ବାରିକଙ୍କ ଗ୍ରୁପ୍ ପକ୍ଷରୁ ନୃତ୍ୟ ପରିବେଷଣ କରାଯାଇଥିଲା।

ସେଲ୍‌ଫି କର୍ଣ୍ଣର ଧରିତ୍ରୀ DHARITRI
ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ବିଶ୍ୱଭୂଷଣ



@ ରୋହନ



@ କାର୍ତ୍ତିକେଶ୍ୱର



@ ଗୀତା



@ ସଦାନନ୍ଦ



@ ବିକାଶ

## ସତ୍ୟପୀର ସ୍ପୋର୍ଟିଂ କ୍ଲବ ଚାମ୍ପିୟନ

ବେଗୁନିଆ,୩୦।୧(ଡି.ଏନ୍.ଏ.)

ମାର୍ଥା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ

ବେଗୁନିଆ ବ୍ଲକ ଅନ୍ତର୍ଗତ ଅଠରାଙ୍ଗ ଗ୍ରାମସ୍ଥିତ ଦୁଃଖିଶ୍ୟାମ ମହାପାତ୍ର ଖେଳପଡିଆରେ ଚାଲିଥିବା ମାର୍ଥା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ରବିବାର ଅନୁଷ୍ଠିତ ଫାଇନାଲ ମ୍ୟାଚରେ ଭୁବନେଶ୍ୱରର ସୁଆଙ୍ଗ-୧୧କୁ ହରାଇ କାଇପଦରର ସତ୍ୟପୀର ସ୍ପୋର୍ଟିଂ କ୍ଲବ ବିଜୟୀ ହେବା ସହ ଚାମ୍ପିୟନ ହୋଇଛି। ଟସ୍ ଜିତି ସୁଆଙ୍ଗ-୧୧ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ୨୦ ଓଭରରେ ୮ ଉଇକେଟ ବିନିମୟରେ ୧୯୭ରନ ସଂଗ୍ରହ କରିଥିଲା। ଜବାବରେ ସତ୍ୟପୀର ସ୍ପୋର୍ଟିଂ କ୍ଲବ ୧୯ ଓଭରରେ ୭ ଉଇକେଟ ବିନିମୟରେ ଆବଶ୍ୟକ ୧୯୮ ରନ ସଂଗ୍ରହ କରି ବିଜୟୀ ହୋଇଥିଲା। ସୁଶାନ୍ତ ସାମନ୍ତରାୟଙ୍କ ୪୬ରନ ଏବଂ ସଞ୍ଜୟ ଚମ୍ପତିଙ୍କ ୩୩ରନ ସହଭାଗିତାରେ ଦଳ ବିଜୟୀ ହୋଇଥିଲା। ସୁଶାନ୍ତ ମ୍ୟାନ ଅଫ ଦି ମ୍ୟାଚ ଓ ଟୁର୍ଣ୍ଣାମେଣ୍ଟର ଶ୍ରେଷ୍ଠ ବ୍ୟାଟ୍ସମ୍ୟାନ ଭାବେ ବିବେଚିତ ହୋଇଥିଲେ। ସମର ସିଂ ଯାଦବ ଓ ମାନସ ବେହେରା ମ୍ୟାଚ ପରିଚାଳନା କରିଥିଲେ। ପୁରସ୍କାର ବିତରଣ ଉତ୍ସବରେ ବେଗୁନିଆ ବିଧାୟକ ରାଜେନ୍ଦ୍ର କୁମାର ସାହୁ, ବ୍ଲକ ଉପାଧ୍ୟକ୍ଷା ତନୁଜା ପାଟଶାଣୀ, ସାମାଜିକ କର୍ମୀ ବନବିହାରୀ ମହାପାତ୍ର ପ୍ରମୁଖ ଅତିଥିଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିବା ସହ ଚାମ୍ପିୟନ ଟିମ୍‌କୁ ୧୦ହଜାର ଟଙ୍କା ଓ ରନର୍ସ ଟିମକୁ ୬ହଜାର ଟଙ୍କା ପ୍ରଦାନ କରିଥିଲେ। ଲିଙ୍ଗରାଜ ଏକାଡେମୀର ସମ୍ପାଦକ ଜୟନ୍ତ ମାର୍ଥା ଧନ୍ୟବାଦ ଦେଇଥିଲେ। ଆୟୋଜକ କ୍ଲବର ସମସ୍ତ ସଦସ୍ୟ ଟୁର୍ଣ୍ଣାମେଣ୍ଟରେ ସହଯୋଗ କରିଥିଲେ।



କଟକ ସାରଳା ଭବନରେ ଔପନ୍ୟାସିକ ସଞ୍ଜିତ ପଟ୍ଟନାୟକଙ୍କ ଉପନ୍ୟାସ 'ଝଡ଼'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।





ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ନ୍ୟାଶନାଲ ହ୍ୟୁମାନ ୱେଲଫେୟାର୍ ବୋର୍ଡ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ଆଭାସ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।





ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଠରାଙ୍ଗସ୍ଥିତ ଦୁଃଖିଶ୍ୟାମ ମହାପାତ୍ର ଖେଳପଡ଼ିଆରେ ଅନୁଷ୍ଠିତ ମାର୍ଥା କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ସତ୍ୟପୀର ସ୍ପୋର୍ଟିଂ କ୍ଲବର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।



ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାପ୍ରୟାଣ ଦିବସ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ଗାନ୍ଧୀ ପାର୍କରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା କରାଯାଉଛି।



ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ।



ଭୁବନେଶ୍ୱର କୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



ପୁରୀ ସର୍ବୋଦୟ ମେଳା କମିଟି ପକ୍ଷରୁ ଗାନ୍ଧୀ ସ୍ମୃତି ପୀଠରେ ରବିବାର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି।



କଟକ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ରବିବାର ଅନୁଷ୍ଠିତ ସତ୍ୟାଗ୍ରହ।

## ସଂକ୍ଷେପରେ

### ୧୨ ଗୋରୁ ଉଦ୍ଧାର, ପିକ୍‌ଅପ୍ ଭ୍ୟାନ୍ ଜବତ



**ବୋଲଗଡ଼,୩୦।୧(ଡି.ଏନ୍.ଏ.):** ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ଅନ୍ତର୍ଗତ ବାଙ୍କୋଇ ଛକରେ ରବିବାର ବାଙ୍କୋଇ ଫାଣ୍ଡି ପୋଲିସ ୧୨ଗୋରୁଙ୍କୁ ଉଦ୍ଧାର କରିବା ସହ ଏକ ପିକ୍‌ଅପ୍ ଭ୍ୟାନ ଜବତ କରିଛି। ସୂଚନା ମୁତାବକ, ଦଶପଲ୍ଲାରୁ ଜାମ୍ବୁସାହିକୁ ଏକ ଗୋରୁ ବୋଝେଇ ପିକଅପ୍ ଭ୍ୟାନ୍ ଯାଉଥିବା ନେଇ ଫାଣ୍ଡି ଅଧିକାରୀ ବିନାୟକ ମନ୍ତ୍ରୀ ସୂଚନା ପାଇଥିଲେ। ପରେ ବୋଲଗଡ଼ ଥାନା ଅଧିକାରୀ ବିଦିତା ନାୟକଙ୍କ ନିର୍ଦ୍ଦେଶକ୍ରମେ ଫାଣ୍ଡି ଅଧିକାରୀ ମନ୍ତ୍ରୀ ସଦଳବଳ ବାଙ୍କୋଇ ଛକରେ ଭ୍ୟାନ(ଓଡ଼ି ୩୩ଏମ୍ ୦୪୦୧)କୁ ଜବତ କରି ଥାନାକୁ ଆଣିଥିଲେ। ତେବେ ଭ୍ୟାନ୍ ଚାଳକଙ୍କୁ ପୋଲିସ ଅଟକ ରଖି ପଚରାଉଚରା ଚଳାଇଛି। ଉଦ୍ଧାର ଗୋରୁଙ୍କୁ ନୟାଗଡ଼ ଜିଲା ଖଣ୍ଡପଡା ଅଞ୍ଚଳର ଏକ ଗୋଶାଳାକୁ ପଠାଇ ଦିଆଯାଇଥିବା ପୋଲିସ ପକ୍ଷରୁ ସୂଚନା ମିଳିଛି।

### ‘ଗାନ୍ଧୀଙ୍କ ଆଦର୍ଶ ସର୍ବଦା ସମାଜକୁ ଅଭିପ୍ରେରିତ କରିବ’

**ବୋଲଗଡ଼,୩୦।୧(ଡି.ଏନ୍.ଏ.):** ସ୍ଥାନୀୟ ପରମାନନ୍ଦ ମହାବିଦ୍ୟାଳୟ ପକ୍ଷରୁ ରବିବାର ମହାତ୍ମା ଗାନ୍ଧୀଙ୍କ ୭୪ତମ ବଳିଦାନ ଦିବସରେ ଶହୀଦ ଦିବସ ପାଳିତ ହୋଇଯାଇଛି। କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ କଲେଜ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜ ଅଧକ୍ଷ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ପୌରୋହିତ୍ୟ କରିଥିଲେ। ପ୍ରାଧାପକ କର୍ମୋଦୟ ଛୋଟରାୟଙ୍କ ସଂଯୋଜନାରେ ଅନୁଷ୍ଠିତ ସଭାର ପ୍ରାରମ୍ଭରେ ଗାନ୍ଧୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ଛାତ୍ରୀଛାତ୍ରମାନେ ଗାନ୍ଧୀଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଙ୍ଗୀତ ଗାନ କରିଥିଲେ। ସ୍ୱାଧୀନତା ସଂଗ୍ରାମୀ ଗୋପୀନାଥ ପରିଜା ମୁଖ୍ୟ ଅତିଥି, ସଂପୁର ଚତୁର୍ଭୁଜ ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରମୋଦ ସ୍ୱାଇଁ ମୁଖ୍ୟ ବକ୍ତାଭାବେ ଯୋଗଦେଇ ଗାନ୍ଧୀଙ୍କ ଆଦର୍ଶ ସମାଜକୁ ସର୍ବଦା ଅଭିପ୍ରେରିତ କରିବ ବୋଲି ମତବ୍ୟକ୍ତ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ପରିଜାଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମରେ ପ୍ରାଧାପିକା ସଞ୍ଜୁକ୍ତା ମିଶ୍ର, ଅଧାପକ ଗାନ୍ଧୀ କୁମାର ସାହୁ, ଅମର ଓଝା, ସନ୍ତୋଷ ବୈରୀଗଞ୍ଜନ, ଦୀପକ ଜେନା, ଅଭିଳାଷ ପଟ୍ଟନାୟକ, ଅଧାପିକା ଲିପିକା ପ୍ରିୟଦର୍ଶିନୀ, ରଶ୍ମିରାଣୀ ସୁବୁଦ୍ଧି, ଛବିରାଣୀ ସାହୁ, ସତ୍ୟବ୍ରତ ମହାପାତ୍ର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ। ଅଧାପକ ଅଜୟ ସାହୁ ଧନ୍ୟବାଦ ଦେଇଥିଲେ।

# ପାଣି ସମସ୍ୟା ଦୂର ନ ହେଲେ ଭୋଟ ବର୍ଜନ

**ଖୋର୍ଦ୍ଧା ଅଫିସ,୩୦।୧**

ରାଜ୍ୟ ସରକାର ଗ୍ରାମାଞ୍ଚଳର ଭିତ୍ତିଭୂମି ବିକାଶ ଉପରେ ଗୁରୁତ୍ୱ ଦେଉଛନ୍ତି। ପ୍ରତ୍ୟେକ ଗ୍ରାମକୁ ପାଇପ୍ ମାଧ୍ୟମରେ ବିଶୁଦ୍ଧ ପାନୀୟଜଳ ଯୋଗାଇ ଦେବାକୁ ପଦକ୍ଷେପ ନେଉଛନ୍ତି। ସବୁ ଗ୍ରାମର ଲୋକଙ୍କୁ ପାନୀୟଜଳ ସୁବିଧା ମିଳିବ ବୋଲି ଘୋଷଣା କରିଛନ୍ତି। ତେବେ ଖୋର୍ଦ୍ଧା ଜିଲା ବୋଲଗଡ଼ ବ୍ଲକ ବାଙ୍କେଇ ପଞ୍ଚାୟତର ଗର୍ଭଣୀପଡ଼ା ଗ୍ରାମବାସୀଙ୍କ ପାଇଁ ଏହା ଉପହାସ ପାଲଟିଛି। ଏହି ଗ୍ରାମର ଲୋକେ ପିଇବା ପାଣି ପାଇଁ ହଇରାଣ ହେଉଛନ୍ତି। ଗାଁରେ ଥିବା ଏକମାତ୍ର ନଳକୂପ ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ବାରମ୍ବାର ଅଭିଯୋଗ ସତ୍ତ୍ୱେ କେହି ଗୁହାରି ଶୁଣୁନାହାନ୍ତି। ପାଣି ସମସ୍ୟା ଦୂର ନ ହେଲେ ଚଳିତ ପଞ୍ଚାୟତ ନିର୍ବାଚନ ବର୍ଜନ କରିବେ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।



ମହିଳାମାନେ ପୋଖରୀରୁ ପାଣି ନେଉଛନ୍ତି।

ଗର୍ଭଣୀପଡ଼ା ଗ୍ରାମରେ ୬୦ପରିବାର ରହୁଛନ୍ତି। ଗ୍ରାମରେ ଗୋଟିଏ ନଳକୂପ ରହିଛି। ତେବେ ତାହା ଦୀର୍ଘଦିନ ହେଲା ଅଚଳ ହୋଇପଡ଼ିଛି। ଫଳରେ ଗ୍ରାମବାସୀ ୨ କିମି ଦୂର ଏକ ପୋଖରୀ ଉପରେ ନିର୍ଭର କରୁଛନ୍ତି। ରାତି ପାହିଲେ ମହିଳାମାନେ ଗରା ମାଠିଆ ଧରି ସେଠାକୁ ଧାଉଁଛନ୍ତି। ଦୀର୍ଘଦିନ ଧରି ଏଭଳି

**ଅଚଳ ହୋଇପଡ଼ିଛି ଏକମାତ୍ର ନଳକୂପ**
- ଅଭିଯୋଗ ସତ୍ତ୍ୱେ ପ୍ରଶାସନ ଚୁପ୍
- ପ୍ରତିଶ୍ରୁତି ଦେଇ ଭୁଲିଯାଉଛନ୍ତି ନେତା

ସମସ୍ୟା ଲାଗି ରହିଥିଲେ ବି ପ୍ରଶାସନ କିମ୍ବା ଲୋକପ୍ରତିନିଧି କେହି ବୁଝୁନାହାନ୍ତି। କେବଳ ନିର୍ବାଚନ ଆସିଲେ ନେତାମାନେ ସମସ୍ୟା ଦୂର ଲାଗି ପ୍ରତିଶ୍ରୁତି ଦିଅନ୍ତି, ମାତ୍ର ନିର୍ବାଚନ ସରିଗଲେ ପ୍ରତିଶ୍ରୁତି ଭୁଲିଯାଆନ୍ତି। ୨୦୧୭ ନିର୍ବାଚନରେ ମଧ ପାଣି ସମସ୍ୟା ଦୂର ଲାଗି ପ୍ରତିଶ୍ରୁତି ମିଳିଥିଲା, ମାତ୍ର ନିର୍ବାଚନ ଶେଷ ପରେ ଆଉ କାହାର ଦେଖା ମିଳିଲା ନାହିଁ ବୋଲି ଗ୍ରାମର ବରିଷ୍ଠ ନାଗରିକ ସୁରଥ ପାଇକରାୟ କହିଛନ୍ତି। ଅଚଳ ନଳକୂପ ମରାମତି ପାଇଁ ପ୍ରଶାସନକୁ ବାରମ୍ବାର ଅଭିଯୋଗ କରି ନିରାଶ ହୋଇଛୁ ବୋଲି ବରିଷ୍ଠ ନାଗରିକ ମାଣିଆ ମାର୍ଥା କହିଛନ୍ତି। ତେଣୁ ଚଳିତ ବର୍ଷ ଗ୍ରାମରେ ପାଣି ସମସ୍ୟା ଦୂର କରା ଗଲେ ଭୋଟ ଦେବୁନାହିଁ ବୋଲି ନିଷ୍ପତ୍ତି ନିଆଯାଇଥିବା ସୁରଥ ଓ ମାଣିଆଙ୍କ ସମେତ ବହୁ ଗ୍ରାମବାସୀ କହିଛନ୍ତି। ପାଣି ଏହି ଗ୍ରାମର ଏକ ମୁଖ୍ୟ ସମସ୍ୟା। ଖରାଦିନ ଆସିଲେ ଅବସ୍ଥା ସଙ୍ଗିନ ହୋଇପଡ଼େ। ଗ୍ରାମର ଅଶାନ୍ତି ଜେନା ଓ ରଶ୍ମିତା ମାର୍ଥା କହିଛନ୍ତି, ନଳକୂପ ମରାମତି କରିବାକୁ କେହି ଆସୁନାହାନ୍ତି। ନଳକୂପ ଉପରେ ଗଛଲତା ମାଡ଼ିଗଲାଣି। ତେଣୁ ବାଧ୍ୟ ହୋଇ ପୋଖରୀରୁ ପାଣି ଆଣି କାମ ଚଳାଉଛୁ। ଏହି ପାଣି ଦୂଷିତ ଯୋଗୁ ଅନେକ ସମୟରେ ପିଲା, ବୃଦ୍ଧାବୃଦ୍ଧ ଚର୍ମରୋଗ, ଜ୍ୱର ପ୍ରଭୃତି ରୋଗରେ ଆକ୍ରାନ୍ତ ହେଉଛନ୍ତି। ଆଗକୁ ଖରାଦିନ ଆସୁଛି। ତେଣୁ ପୁଣି ଡହଳବିକଳ ହେବାକୁ ପଡ଼ିବ ବୋଲି ସେ ପ୍ରକାଶ କରିଛନ୍ତି। ତେବେ ଏ ସମ୍ପର୍କରେ ବୋଲଗଡ଼ ବିଡିଓ ଧୋବେଇ ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

## ଅହିଂସା ମାର୍ଗକୁ ବିଶ୍ୱ ଅନୁକରଣ କରୁଛି

**ଖୋର୍ଦ୍ଧା ଅଫିସ/ଜଟଣୀ,୩୦।୧(ଡି.ଏନ୍.ଏ)**

ଖୋର୍ଦ୍ଧା ଜିଲା ପ୍ରଶାସନ ଆନୁକୂଲ୍ୟରେ ରବିବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର ସ୍ଥାନୀୟ ଷ୍ଟେଟ୍‌ବ୍ୟାଙ୍କ ଛକ ଏବଂ ପ୍ରାଣନାଥ ସ୍ୱୟଂଶାସିତ ମହାବିଦ୍ୟାଳୟ ପରିସରସ୍ଥ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ସେହିପରି ଦେଶ ପାଇଁ ପ୍ରାଣବଳି ଦେଇଥିବା ଶହୀଦମାନଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ପି.ଏନ୍. କଲେଜରେ ଛାତ୍ରୀଛାତ୍ରଙ୍କୁ ସମ୍ବୋଧିତ କରି ଜିଲାପାଳ କହିଲେ, ଜାତିର ପିତା ମହାତ୍ମା ଗାନ୍ଧୀ ସାବରମତିର ସତ୍ୟାଗ୍ରହୀ ସନ୍ଥ ଭାବେ ଜଣାଶୁଣା। ସତ୍ୟ ଏବଂ ଅହିଂସା ଶ୍ରେଷ୍ଠ ମାର୍ଗ ଓ ଏହାଦ୍ୱାରା ଦେଶରେ ଶାନ୍ତିର ବାତାବରଣ ରହିବ ବୋଲି ଗାନ୍ଧିଜୀ କହୁଥିଲେ। ଗାନ୍ଧିଜୀଙ୍କ ଅହିଂସା ମାର୍ଗକୁ ଆଜି ସାରା ବିଶ୍ୱ ଗ୍ରହଣ କରିଛି ବୋଲି ଜିଲାପାଳ ପ୍ରକାଶ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ପି.ଏନ୍.କଲେଜର ଅଧାପିକା, ଅଧାପକ ଏବଂ ଏନସିସି କ୍ୟାଡେଟ ଉପସ୍ଥିତ ଥିଲେ। ସେହପରି ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ପକ୍ଷରୁ ଗାନ୍ଧିଜୀଙ୍କ ତିରୋଧାନ ଦିବସ ଗାନ୍ଧୀ ଉଦ୍ୟାନଠାରେ ପାଳିତ ହୋଇଯାଇଛି। ସଂଘ ସଭାପତି ଅବନୀ ରାଉତରାୟଙ୍କ ଅଧକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଗାନ୍ଧୀଙ୍କ ନୀତି ଆଦର୍ଶକୁ ଅନୁସରଣ କରିବାକୁ ମତପ୍ରକାଶ ପାଇଥିଲା। ଅର୍ଜୁନ ଚାରଣ ସାମନ୍ତରାୟ, ଜବାହରଲାଲ ସୁବୁଦ୍ଧି, ବିଭୂତି ଭୂଷଣ ମିଶ୍ର, ତ୍ରିନାଥ ସାମନ୍ତରାୟ, ସୁଶାନ୍ତ ରାଉତ, ସତ୍ୟବାଦୀ ସାହୁ, କିଶୋରେ ଚନ୍ଦ୍ର ପାଇକରାୟ ପ୍ରମୁଖ ଉପସ୍ଥିତ ଥିଲେ। ତ୍ରିନାଥ ସାମନ୍ତରାୟ ଧନ୍ୟବାଦ ଦେଇଥିଲେ।

## ଗାନ୍ଧୀଙ୍କ ପ୍ରତି ଅଶାଳୀନ ଆଚରଣ ଗ୍ରହଣୀୟ ନୁହେଁ



ଆଲୋଚନାଚକ୍ରରେ ଉପସ୍ଥିତ ଅତିଥିମାନେ।

**ଖୋର୍ଦ୍ଧା ଅଫିସ,୩୦।୧**

ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନ ଖୋର୍ଦ୍ଧା ଜିଲା ଶାଖା ଏବଂ ବିଶ୍ୱାମିତ୍ର ଜନସେବା ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ରବିବାର ମହାତ୍ମା ଗାନ୍ଧୀଙ୍କ ୭୪ତମ ତିରୋଧାନ ଦିବସ ପାଳିତ ହୋଇଯାଇଛି। ପୂର୍ବାହ୍ନରେ ସ୍ଥାନୀୟ ଗାନ୍ଧୀ ମାର୍କେଟସ୍ଥିତ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଏବଂ ଅପରାହ୍ନରେ ‘ଗାନ୍ଧୀ ବିଚାର’ ଶୀର୍ଷକ ଆଲୋଚନାଚକ୍ର ହୋଇଥିଲା। ଗାନ୍ଧିଜୀଙ୍କ ବିଚାରଧାରା, ନୀତି ଆଦର୍ଶକୁ ଆଜି ସାରା ବିଶ୍ୱ ଗ୍ରହଣ କରିଛି। ଗାନ୍ଧିଜୀଙ୍କ ଜୟନ୍ତୀକୁ ଅନ୍ତର୍ଜାତୀୟ ଅହିଂସା ଦିବସ ଭାବେ ପାଳନ କରାଯାଉଛି। ତାଙ୍କ ଗ୍ରାମୀଣ ସ୍ୱରାଜ, ଆତ୍ମନିର୍ଭର ଭାରତ ପରିକଳ୍ପନା ଦେଶକୁ ସମୃଦ୍ଧି ପଥରେ ଆଗେଇ ନେବାରେ ସହାୟକ ହୋଇଛି। ତେବେ ଗାନ୍ଧିଜୀଙ୍କୁ ଭାରତରେ ଖଳନାୟକ ସଜାଇବା ପାଇଁ ଏକ ଯୋଜନାବଦ୍ଧ ଷଡ଼ଯନ୍ତ୍ର ଚାଲିଛି। ଗାନ୍ଧିଜୀଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ, ଅଶୋଭନୀୟ ଆଚରଣ ଦ୍ୱାରା ବିଶ୍ୱରେ ଭାରତର ଛବି ମଳିନ ହେଉଛି। କିଛିଦିନ ତଳେ ଦିଲ୍ଲୀ, ହରିଦ୍ୱାର ପ୍ରଭୃତି ସ୍ଥାନରେ ଧର୍ମସଭା ନାମରେ ଗାନ୍ଧିଜୀଙ୍କ ବିରୋଧରେ ଅପମାନସୂଚକ ମନ୍ତବ୍ୟ ଦିଆଯାଇଥିଲା। ଏନେଇ ଦେଶବ୍ୟାପୀ ଗାନ୍ଧୀପ୍ରେମୀ ମହଲରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଗାନ୍ଧିଜୀଙ୍କ ପ୍ରତି ଅଶାଳୀନ ଆଚରଣ ଗ୍ରହଣୀୟ ନୁହେଁ ବୋଲି ସବୁଠି ମତ ପ୍ରକାଶ ପାଇଛି। ଖୋର୍ଦ୍ଧା ସହରରେ ବରପୁତ୍ରମାନଙ୍କ ପ୍ରତିମୂର୍ତ୍ତି ସ୍ଥାପନ ପାଇଁ ଦାବି କରାଯାଇଛି।

କାର୍ଯ୍ୟକ୍ରମରେ ରାଜ୍ୟ ଲୟର୍ସ ଆସୋସିଏଶନର ସଭାପତି ବିଚିତ୍ର କୁମାର ବଡ଼ଜେନା, ଡ. ପ୍ରମୋଦ ଚନ୍ଦ୍ର ଦାଶ, ଜବାହରଲାଲ ସୁବୁଦ୍ଧି, ସତ୍ୟବାଦୀ ବଳିୟାରସିଂ, ପ୍ରାଧ୍ୟାପକ ଗୋପାଳ ଚନ୍ଦ୍ର ଦାସ, ନରେନ୍ଦ୍ର ପୃଷ୍ଟି, କିଶୋର ଚନ୍ଦ୍ର ପରମଗୁରୁ, ମୁରଲୀଧର ଜେନା, ବସନ୍ତ କୁମାର ଦାଶ, ହାଜି ନସିମୁଦ୍ଦିନ୍ ଖାଁ, ବିରଞ୍ଚି ନାରାୟଣ ସାହୁ, ବିକ୍ରମ କେଶରୀ ଚମ୍ପତି, ଜାତୀୟ ଯୁବ ପ୍ରକଳ୍ପର ରାଜ୍ୟ ସଂଯୋଜକ ସୋମ୍ ଭାଇ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଏହି ଆଲୋଚନା ଚକ୍ରରେ ଶିକ୍ଷାବିତ୍ ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ସାମାଜିକ କର୍ମୀ ରାମଶଙ୍କର ସଂଯୋଜନା କରିଥିଲେ। ଏହି ଅବସରରେ ପୁଷ୍ପରାଜ ପଟ୍ଟନାୟକ, ଜବାହରଲାଲ ସୁବୁଦ୍ଧି ଓ ସୋମ୍ ଭାଇଙ୍କୁ ଗାନ୍ଧୀ ବିଚାରଧାରାର ପ୍ରଚାର ପ୍ରସାର ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବିଭୁ ପ୍ରସାଦ ବଚ୍ଛି ଧନ୍ୟବାଦ ଦେଇଥିଲେ।

# ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ

**ଜଟଣୀ,୩୦।୧(ଡି.ଏନ୍.ଏ.)**

ଜଟଣୀ ସହରର ଅଗ୍ରଣୀ ସ୍ୱେଚ୍ଛାସେବୀ ସଙ୍ଗଠନ ‘ସମ୍ଭାବନା ପରିବାର’ ପକ୍ଷରୁ ସଡ଼କ ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । କରୋନା କଟକଣା ମଧ୍ୟରେ ଥାନା ଛକଠାରେ ଲିଫଲେଟ, ମାସ୍କ ଓ ଗୋଲାପ ଫୁଲ ବଣ୍ଟନ କରି ସଡ଼କ ସୁରକ୍ଷା ସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ଜନସାଧାରଣଙ୍କୁ ଅବଗତ କରାଇଥିଲେ। ଅନୁଷ୍ଠାନର ସମ୍ପାଦକ ଦେବପ୍ରସାଦ ଦାଶଙ୍କ ସଂଯୋଜନାରେ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଥାନାଧିକାରୀ ଦୟାନିଧି ନାୟକ, ଅକ୍ଷୟ ଦାସ ପ୍ରମୁଖ ଅତିଥି ଭାବେ ଯୋଗଦେଇ ସଡ଼କ ଦୁର୍ଘଟଣାର ଭୟାବହତା ସମ୍ପର୍କରେ ବୁଝାଇଥିଲେ। ଏଥିସହ ପରିବେଶ ପ୍ରଦୂଷଣ ରୋକିବା ଦିଗରେ ସମସ୍ତଙ୍କୁ ସଚେତନ ହେବା ପାଇଁ ପରାମର୍ଶ ଦେଇଥିଲେ। କାର୍ଯ୍ୟକ୍ରମରେ ଅନୁଷ୍ଠାନ ସଭାପତି ସନ୍ତୋଷ ପାତ୍ର, ସନ୍ତୋଷ ହୋତା, ସୁକାନ୍ତ ନାୟକ, ଅବଦୁଲ ସତ୍ତାର, ଅମିନ ରାଉତ, ଦିଲୀପ ସିଂ, ଲୁଲୁ ମହାରଣା, ରମାକାନ୍ତ ମହାରଣା, ଶୁଭେନ୍ଦ୍ର ଶତପଥୀ, ପ୍ରଶାନ୍ତ ସାହୁ, ମମତା ବେହେରା, ପରେଶ ପଟ୍ଟନାୟକ, ନିରୁପମା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। ଭାସ୍କର ଚନ୍ଦ୍ର ଡାକୁଆ ଅତିଥି ଓ କର୍ମକର୍ତ୍ତାଙ୍କୁ ଧନ୍ୟବାଦ ଦେଇଥିଲେ।

# ଚାଷୀଙ୍କୁ ସମିତି ସମ୍ପାଦକଙ୍କ ଦୁର୍ବ୍ୟବହାର

**ବୋଲଗଡ଼,୩୦।୧(ଡି.ଏନ୍.ଏ.)**

ବୋଲଗଡ଼ ବ୍ଲକ ବାଙ୍କୋଇଦେଶ ପଞ୍ଚାୟତ ଗର୍ଭଣୀପଡା ସେବା ସମବାୟ ସମିତିରେ ଅବବ୍ୟସ୍ଥା ଲାଗିରହିଛି। ଉକ୍ତ ସେବା ସମୟବାୟ ସମିତି ସମ୍ପାଦକ ଦୁର୍ବ୍ୟବହାର କରିଥିବା ଅଭିଯୋଗ ଆଣି ରବିବାର ଚାଷୀମାନେ ସମିତି ସମ୍ମୁଖରେ ଧାରଣା ଦେଇଥିଲେ। ଏଥିସହ ବହିଷ୍କାର ଦାବି କରିଥିଲେ। ସୂଚନା ମୁତାବକ, ସମବାୟ ସମିତି ଓ ଚାଷୀଙ୍କ ମଧ୍ୟରେ ସମନ୍ୱୟ ରକ୍ଷା କରାଯିବା ପାଇଁ ଏକ ୧୫ ଜଣିଆ ଚାଷୀ କମିଟି ଗଠନ କରାଯାଇଥିଲା। ତେବେ ସମିତି ସମ୍ପାଦକ ଦେବାଶିଷ ପରିଡା କମିଟିକୁ କୌଣସି ସୂଚନା ନ ଦେଇ ମନ ମୁତାବକ କାର୍ଯ୍ୟ କରୁଛନ୍ତି। କୌଣସି ବିଷୟରେ ଜାଣିବାକୁ ଚାହିଁଲେ ସମ୍ପାଦକ ଦୁର୍ବ୍ୟବହାର କରୁଛନ୍ତି ବୋଲି ଚାଷୀ ବସନ୍ତ କୁମାର ସୁନ୍ଦରାୟ କହିଛନ୍ତି। ସେହିପରି ଜିତେନ୍ଦ୍ରିୟ ମାର୍ଥା କୁହନ୍ତି, ଚାଷୀଙ୍କ



ଗର୍ଭଣୀପଡା ସେବା ସମବାୟ ସମିତି ଆଗରେ ଚାଷୀମାନେ ଧାରଣାରେ ବସିଛନ୍ତି।

**ସମ୍ପାଦକଙ୍କୁ ବହିଷ୍କାର ଓ ଧାନ ଉଠାଇବା ଦାବିରେ ଧାରଣା**

ସୁବିଧା ତଥା ମଣ୍ଡିରେ ଧାନ ବିକ୍ରିକୁ ନେଇ କମିଟି ଓ ସମିତି ମଧ୍ୟରେ ସମନ୍ୱୟ ରକ୍ଷା ପାଇଁ କମିଟି ଗଠନ କରାଯାଇଥିଲା। ତେବେ କମିଟିକୁ କୌଣସି ତଥ୍ୟ ନ ଦେଇ ଅନ୍ଧାରରେ ରଖୁଛନ୍ତି ସମ୍ପାଦକ। ମଣ୍ଡିରେ କୁଇଣ୍ଟାଲ ପିଛା ୭କେଜି ଧାନ କଟାଯାଉଥିବା ନେଇ ଚାଷୀମାନେ ସମ୍ପାଦକଙ୍କୁ ପଚାରିବାରୁ ଦୁର୍ବ୍ୟବହାର କରୁଛନ୍ତି ବୋଲି ଅଭିଯୋଗ ହୋଇଛି। ସମ୍ପାଦକଙ୍କୁ ବହିଷ୍କାର ଓ ମଣ୍ଡିରୁ ଧାନ ଉଠାଇବା ଦାବିରେ ସମିତି ସମ୍ମୁଖରେ ଶତାଧିକ ଚାଷୀ ଧାରଣା ଦେଇଥିଲେ। ଉପରିସ୍ଥ ଅଧିକାରୀଙ୍କୁ ଭେଟି ଚାଷୀ କମିଟି ଅଭିଯୋଗ ଜଣାଇବା ପାଇଁ ନିଷ୍ପତ୍ତି ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ତେବେ ଏନେଇ ସମିତି ସମ୍ପାଦକଙ୍କ ମତାମତ ମିଳିପାରି ନାହିଁ।

### ଭାଙ୍ଗ ଜବତ, ଜଣେ ଗିରଫ

ପୁରୀ ଅଫିସ: ବେଆଇନ ଭାବେ ଭାଙ୍ଗ ବିକ୍ରି ଅଭିଯୋଗରେ ବଳିଆ ପଣ୍ଡା ଥାନା ପୋଲିସ ଜଣଙ୍କୁ ଗିରଫ କରି ରବିବାର କୋର୍ଟ ଚାଲାଣ କରିଛି। ସେ ହେଲେ ଗୌଡ଼ବାଡ଼ ସାହି ମହେଶ୍ୱର ନଗରର ଗୋପିନାଥ ରାଉତ (୪୩)। ପୋଲିସ ତାଙ୍କଠାରୁ ୫ ଲିଟର ବଟା ଭାଙ୍ଗ ଜବତ କରିଛି। ଏ ନେଇ କେସ୍ ନଂ. ୧୧/୨୨ ରୁଜୁ ହୋଇଛି।



### ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୩୦।୧।୨୦୨୨

| ୧୮୦୨ ଟଙ୍କା | |
|---|---|
| ସୁନା | ମିଳିନାହିଁ |
| ରୁପା | ମିଳିନାହିଁ |

### ଆଜି କ'ଣ କେଉଁଠି

ପୁରୀ

- ଭାରତୀୟ କୃଷକ ମୋର୍ଚ୍ଚା ପକ୍ଷରୁ ବିଶ୍ୱାସ ଘାତକ ଦିବସ, କଚେରୀ ଛକ, ପୁରୀ, ପୂର୍ବାହ୍ନ ୧୧ଟା।

# ଶ୍ରୀମନ୍ଦିର ରତ୍ନଅଳଙ୍କାର ଗଣନା ହେଉନି

**ପୁରୀ ଅଫିସ,୩୦।୧**



- ୪ ବର୍ଷ ହେଲା ବୈଠକରେ ସୀମିତ ରହିଛି ନିଷ୍ପତ୍ତି
- ବିଧିବ୍ୟବସ୍ଥା ଓ ପରିଚାଳନା କମିଟି ନିଷ୍ପତ୍ତିକୁ ଅଣଦେଖା

ଶ୍ରୀମନ୍ଦିର ଭିତରଭଣ୍ଡାର ଚାବି ପ୍ରସଙ୍ଗ ନେଇ ଚର୍ଚ୍ଚା ଜୋର ଧରିଥିବାବେଳେ ରତ୍ନ ଅଳଙ୍କାର ଗଣନା ନ ହେବା ନେଇ ପ୍ରଶ୍ନ ଉଠିଛି। ୨୦୧୮ରେ ଅନୁଷ୍ଠିତ ପରିଚାଳନା କମିଟି ବୈଠକରେ ରତ୍ନଅଳଙ୍କାର ଗଣନା ପାଇଁ ମତ ପ୍ରକାଶ ପାଇଥିଲା। ଆସନ୍ତା ଏପ୍ରିଲ ୪ରେ ଏହି ନିଷ୍ପତ୍ତିକୁ ୪ ବର୍ଷ ପୂରିବାକୁ ଯାଉଛି। ମାତ୍ର ଏପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗଣାଯାଇନାହିଁ। ଏଭଳି ଭାବେ ଶ୍ରୀମନ୍ଦିର ବିଧିବ୍ୟବସ୍ଥା ଓ ପରିଚାଳନା କମିଟି ନିଷ୍ପତ୍ତିକୁ ଅଣଦେଖା କରାଯାଉଥିବାରୁ ଜଗନ୍ନାଥପ୍ରେମୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

ଭିତରଭଣ୍ଡାର ଚାବି ପ୍ରସଙ୍ଗ ଚର୍ଚ୍ଚାକୁ ଆସିବା ପରେ ୨୦୧୮ ଏପ୍ରିଲ ୪ରେ ଭୁବନେଶ୍ୱରସ୍ଥିତ ସର୍କିଟ ହାଉସ ସମ୍ମିଳନୀ କକ୍ଷରେ ଗଜପତି ମହାରାଜାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର ପରିଚାଳନା କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ତତ୍କାଳୀନ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ପ୍ରଦୀପ ଜେନା ଚାବି ହଜିବା କଥା କହିବା ସହ ଭିତର ରତ୍ନଭଣ୍ଡାର ଚାବି ଭାଙ୍ଗିବା ପାଇଁ ପ୍ରସ୍ତାବ ଦେଇଥିଲେ। ମାତ୍ର ଗଜପତି ମହାରାଜା ଦିବ୍ୟସିଂହ ଦେବ ଏପରିଚାଳନା କମିଟି ସଦସ୍ୟମାନେ ଚାବି ନ ଭାଙ୍ଗି ପ୍ରଥମେ ଖୋଜାଯିବା ସପକ୍ଷରେ ମତ ରଖିଥିଲେ। ଏହାପରେ ସର୍ବସମ୍ମତି କ୍ରମେ ଚାବି ଖୋଜିବା ନେଇ ନିଷ୍ପତ୍ତି ହୋଇଥିଲେ ମଧ୍ୟ ତତ୍କାଳୀନ ଜିଲାପାଳ ଅରବିନ୍ଦ ଅଗ୍ରୱାଲ ଜିଲା କୋଷାଗାରରେ ୧୯୭୦ ପରଠାରୁ ଚାବି ଜମାଦିଆଯାଇଥିବା ନେଇ ତଥ୍ୟ ନ ଥିବା ବୈଠକରେ ପ୍ରକାଶ କରିଥିଲେ। ତେବେ ଚାବି ପ୍ରଥମେ ଖୋଜାଯାଉ, ଚାବି ନ ମିଳିଲେ ଆଗାମୀ ପରିଚାଳନା କମିଟି ବୈଠକର ଅନୁମୋଦନ କ୍ରମେ ଚାବି ଭଙ୍ଗାଯିବ ବୋଲି ନିଷ୍ପତ୍ତି ହୋଇଥିଲା। ଅନ୍ୟପକ୍ଷରେ ବୈଠକରେ ଶ୍ରୀମନ୍ଦିର ସ୍ୱତ୍ୱଲିପି ସମ୍ପର୍କରେ ଆଲୋଚନା ହୋଇଥିଲା। ସ୍ୱତ୍ୱଲିପି ଅନୁଯାୟୀ, ଶ୍ରୀମନ୍ଦିର ଭିତର ଓ ବାହାର ରତ୍ନଭଣ୍ଡାରର ରତ୍ନ ଅଳଙ୍କାରରୁ ପ୍ରତି ୩ବର୍ଷକୁ ଥରେ ଗଣତି ହେବାର ପ୍ରାବଧାନ ରହିଛି। ତେଣୁ ସମସ୍ତ ସଭ୍ୟମାନେ ପୁଣି ଥରେ ରତ୍ନଅଳଙ୍କାର ଗଣତି କରିବା ସପକ୍ଷରେ ଯୁକ୍ତି ବାଢ଼ିଥିଲେ। ଏହି ନିଷ୍ପତ୍ତିକୁ ଆସନ୍ତା ଏପ୍ରିଲରେ ୪ବର୍ଷ ପୂରିବ। ମାତ୍ର ଏପର୍ଯ୍ୟନ୍ତ ରତ୍ନ ଅଳଙ୍କାର ଗଣନା ନିମନ୍ତେ ପ୍ରଶାସନ ଆଗ୍ରହ ଦେଖାଉ ନାହିଁ। ସୂଚନାଯୋଗ୍ୟ, ଶେଷ ଥର ପାଇଁ ୧୯୭୮ ମେ ୧୩ରୁ ଜୁଲାଇ ୨୩ ମଧ୍ୟରେ ରତ୍ନ ଅଳଙ୍କାର ଗଣତି ହୋଇଥିବା ବେଳେ ଏହି ତାଲିକାକୁ ଏକ ପୁସ୍ତକ ଆକାରରେ ସତ୍ୟବାଦୀ ପ୍ରେସ୍‌ରେ ଛପାଯାଇଥିଲା। ଏହି ତାଲିକାର ଶହେ ନକଲ ଜିଲା ଟ୍ରେଜେରିରେ ରହିଥିବା ଜଣାପଡ଼ିଛି। ସଂପୃକ୍ତ ତାଲିକାକୁ ଆଧାର କରି ରତ୍ନଭଣ୍ଡାର ଖୋଲି ରତ୍ନ ଅଳଙ୍କାର ଗଣନା ପାଇଁ ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହାକୁ ୪ ବର୍ଷ ପୂରିବାକୁ ବସିଥିଲେ ମଧ୍ୟ କୌଣସି ପଦକ୍ଷେପ ନିଆଯାଉନାହିଁ। ଏନେଇ ସୂଚନା ଅଧିକାର କର୍ମୀ ଦିଲୀପ ବରାଳ କହିଛନ୍ତି, ଚାବି ହଜିବା ପରେ ରାଜ୍ୟ ସରକାର ରତ୍ନ ଅଳଙ୍କାର ଗଣତି ପାଇଁ ପଦକ୍ଷେପ ନେବା ଏକ ନ୍ୟାଯ୍ୟ ଦାବି। ଏନେଇ ପରିଚାଳନା କମିଟିରେ ନିଷ୍ପତ୍ତି ହୋଇଥିଲେ ମଧ୍ୟ କାହାରି ଏଥିପ୍ରତି ଧ୍ୟାନ ନାହିଁ। ୩ବର୍ଷରେ ଥରେ ରତ୍ନଅଳଙ୍କାର ଗଣନା ନେଇ ସ୍ୱତ୍ୱଲିପିରେ ଉଲ୍ଲେଖ ଥିବାବେଳେ କାହିଁକି ତାହା କାର୍ଯ୍ୟକାରୀ ହେଉନି ସବୁଠାରୁ ବଡ଼ ପ୍ରଶ୍ନ। ସରକାର ରତ୍ନଅଳଙ୍କାର ଗଣତି ପ୍ରକ୍ରିୟା ଆରମ୍ଭ କରି ଜଗନ୍ନାଥପ୍ରେମୀଙ୍କ ମନରେ ଥିବା ଆଶଙ୍କାକୁ ଦୂର କରନ୍ତୁ। ସେହିପରି ଶ୍ରୀଜଗନ୍ନାଥ ସେନା ଆବାହକ ପ୍ରିୟଦର୍ଶନ ପଟ୍ଟନାୟକ କହିଛନ୍ତି, ରତ୍ନଅଳଙ୍କାର ଚୋରି ହୋଇଥିବାରୁ ରାଜ୍ୟ ସରକାର ଜାଣିଶୁଣି ଏହି ପ୍ରସଙ୍ଗ ଉପରେ ଧ୍ୟାନ ଦେଉନାହାନ୍ତି। ସରକାର ଯଦି ବାସ୍ତବରେ ଜଗନ୍ନାଥପ୍ରେମୀ ଓ ସ୍ୱଚ୍ଛ ତେବେ ରତ୍ନ ଅଳଙ୍କାର ଗଣନା ଲାଗି ପଦକ୍ଷେପ ନେବା ଉଚିତ। ଅନ୍ୟପକ୍ଷରେ ପରିଚାଳନା କମିଟି ସଦସ୍ୟ ମାଧବ ପୂଜାପଣ୍ଡା କହିଛନ୍ତି, ୨୦୧୮ ଏପ୍ରିଲ ବୈଠକରେ ରତ୍ନଅଳଙ୍କାର ଗଣନା ନେଇ ମତ ପ୍ରକାଶ ପାଇଥିଲା। ମାତ୍ର ଏହାର ପରବର୍ତ୍ତୀ ବୈଠକଗୁଡ଼ିକରେ ଆଉ ଏ ସଂକ୍ରାନ୍ତରେ କୌଣସି ଆଲୋଚନା ହୋଇନାହିଁ କିମ୍ବା କେବେ ହେବ ସେ ନେଇ କୌଣସି ନିର୍ଦ୍ଦିଷ୍ଟ ସୂଚନା ଆମପାଖରେ ନାହିଁ। ପ୍ରଶାସନ କେବଳ ଏହି ସୂଚନା ଦେଇପାରିବ। ଅପରପକ୍ଷେ ଏ ନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

### ସଂକ୍ଷେପରେ

### ଶ୍ରମିକଙ୍କ ସନ୍ଦେହଜନକ ମୃତ୍ୟୁ

ନିମାପଡ଼ା,୩୦।୧(ଡି.ଏନ୍.ଏ.): ନିମାପଡ଼ା ଥାନା ଅନ୍ତର୍ଗତ ନିଆଁଗୋରଡ଼ା ଗ୍ରାମର କାର୍ଯ୍ୟରତ ଶ୍ରମିକ ମୁନା ମଲ୍ଲିକ(୪୫)ଙ୍କ ସନ୍ଦେହଜନକ ଅବସ୍ଥାରେ ଶନିବାର ସନ୍ଧ୍ୟାରେ ମୃତ୍ୟୁ ଘଟିଛି। ସୂଚନା ମୁତାବକ, ତାମ୍ପୋଳ ପଞ୍ଚାୟତ ଆଶାପୂରଣ ଛକରେ ପାନୀୟ ଜଳଯୋଗାଣ ପାଇଁ ପାଇପ୍ ବିଛାଯାଉଥିବା ବେଳେ ହଠାତ୍ ମୁନା ତଳେ ପଡ଼ିଯାଇଥିଲେ। ଏହି କାର୍ଯ୍ୟର ସୁପରଭାଇଜର ଓ ଅନ୍ୟ ଶ୍ରମିକମାନେ ମୁନାଙ୍କୁ ଉଦ୍ଧାର କରି ଚାରିଛକ ମେଡିକାଲରେ ଭର୍ତ୍ତି କରିଥିଲେ। ପରେ ସୁପରଭାଇଜର ମେଡିକାଲରୁ ଖସି ପଳାଇଥିଲେ। ଚିକିତ୍ସାଧୀନ ଅବସ୍ଥାରେ ମୁନାଙ୍କ ମୃତ୍ୟୁ ଘଟିଥିଲା। ଖବରପାଇ ଚାରିଛକ ଫାଣ୍ଡି ପୋଲିସ ପହଞ୍ଚି ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏନେଇ ମୁନାଙ୍କ ଭଉଣୀ ସୁଜାତା ମଲ୍ଲିକଙ୍କ ଅଭିଯୋଗକ୍ରମେ ନିମାପଡ଼ା ଥାନା ପୋଲିସ ଏକ ଅପମୃତ୍ୟୁ ମାମଲା(ନଂ.୩/୨୨) ରୁଜୁକରି ତଦନ୍ତ ଚଳାଇଛି।

### ବିଜେଡିରେ ସାମିଲ ହେଲେ ଭାଜପା କର୍ମୀ

ଗୋପ,୩୦।୧(ଡି.ଏନ୍.ଏ.): ଗୋପ ବିଜେଡି କାର୍ଯ୍ୟାଳୟରେ ରବିବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ଶତାଧିକ ଭାଜପା କର୍ମୀ ମନ୍ତ୍ରୀ ସମୀର ରଞ୍ଜନ ଦାଶଙ୍କ ନୀତି ଆଦର୍ଶ ଓ ମୁଖ୍ୟମନ୍ତ୍ରୀଙ୍କ ସ୍ୱଚ୍ଛ ଶାସନରେ ଅନୁପ୍ରାଣିତ ହୋଇ ସାମିଲ ହୋଇଛନ୍ତି। ଅଜୟ କୁମାର ମୁଦୁଲିଙ୍କ ନେତୃତ୍ୱରେ ଦଳିତ ମୋର୍ଚ୍ଚାର ପୂର୍ବତନ ସଭାପତି ପଞ୍ଚାନନ କାଣ୍ଡି, ପ୍ରକାଶ କୁମାର କାଣ୍ଡି, ବିଜୟ ନାୟକଙ୍କ ସମେତ ଶତାଧିକ ଭାଜପା କର୍ମୀ ଯୋଗଦେଇଛନ୍ତି। କିଛିଦିନ ପୂର୍ବରୁ ପୟରା ପଞ୍ଚାୟତରେ ଶତାଧିକ ଭାଜପା କର୍ମୀ ମଧ୍ୟ ବିଜେଡିରେ ସାମିଲ ହୋଇଥିଲେ।

### ଅପହୃତ ନାବାଳିକା ଉଦ୍ଧାର

ନିମାପଡ଼ା,୩୦।୧(ଡି.ଏନ୍.ଏ.): ନିମାପଡ଼ା ଥାନା ପୋଲିସ ରବିବାର ଜଣେ ଅପହୃତ ନାବାଳିକା ତଥା ଅଷ୍ଟମ ଶ୍ରେଣୀ ଛାତ୍ରୀଙ୍କୁ ଉଦ୍ଧାର କରିଛି। ତେବେ ଅପହରଣକାରୀ ଯୁବକଙ୍କ ସନ୍ଧାନ ପୋଲିସ ପାଇପାରି ନାହିଁ। ସୂଚନା ମୁତାବକ, ଗତ ୩ ତାରିଖରେ ସମ୍ପୃକ୍ତ ଛାତ୍ରୀ ଜଣକ ସ୍କୁଲ ଯାଇଥିଲେ। ଏହି ସମୟରେ ଛାତ୍ରୀଙ୍କ ଗ୍ରାମର ଜଣେ ଯୁବକ ପହଞ୍ଚି ପ୍ରଲୋଭନ ଦେଖାଇ ତାଙ୍କୁ କେଉଁଆଡ଼େ ଅପହରଣ କରିନେଇଥିଲେ। ଏନେଇ ଛାତ୍ରୀଙ୍କ ମା'ଙ୍କ ଅଭିଯୋଗକ୍ରମେ ପୋଲିସ ଏକ ମାମଲା (ନଂ.୫/୨୨)ରୁଜୁକରି ତଦନ୍ତ ଚଳାଇଥିଲା। ରବିବାର ନିମାପଡ଼ା ଅଞ୍ଚଳରୁ ପୋଲିସ ଛାତ୍ରୀଙ୍କୁ ଉଦ୍ଧାର କରିଥିବା ବେଳେ ସମ୍ପୃକ୍ତ ଯୁବକ ଜଣକ ଫେରାର ଅଛନ୍ତି। ଅଭିଯୁକ୍ତଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଜାରି ରହିଛି ବୋଲି ଆଇଆଇସି ଶଙ୍କର୍ଷଣ ଦଳେଇ ଓ ଏଏସ୍ଆଇ ସବିତା ମାର୍ଥା କହିଛନ୍ତି।



ଭୁବନେଶ୍ୱରସ୍ଥିତ ରାଜ୍ୟ ସଂଗ୍ରହାଳୟରେ ରବିବାର ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଓ ଶହୀଦ ଦିବସ ପାଳନ ଅବସରରେ ଅତିଥିମାନେ ଗାନ୍ଧିଜୀଙ୍କ ଜୀବନୀ ଆଧାରିତ ଷ୍ଟୋରି ଟେଲିଙ୍ଗ ସିଡୀ 'ତୁମେ କହିଥିଲ ବାପୁ'କୁ ଉନ୍ମୋଚନ କରୁଛନ୍ତି।

# ରାଜ୍ୟ ସଂଗ୍ରହାଳୟରେ ଖୋଲିଲା ଗାନ୍ଧୀ ଗ୍ୟାଲେରି

**ଭୁବନେଶ୍ୱର, ୩୦।୧(ବ୍ୟୁରୋ)**

**ଶହୀଦ ଦିବସ ଓ ଗାନ୍ଧୀଙ୍କ ଓଡ଼ିଶା ଆଗମନର ଶହେବର୍ଷ ପୂର୍ତ୍ତି ପାଳନ**

ରାଜ୍ୟ ସଂଗ୍ରହାଳୟରେ ଖୋଲିଲା ଗାନ୍ଧୀ ଗ୍ୟାଲେରି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ପକ୍ଷରୁ ରବିବାର ଶହୀଦ ଦିବସ ଓ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନର ଏକଶହ ବର୍ଷ ପୂର୍ତ୍ତି ଉତ୍ସବ ପାଳନ ଅବସରରେ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ମଧୁସୂଦନ ପାଢ଼ୀ ଓ ନିର୍ଦ୍ଦେଶକ ରଞ୍ଜନ କୁମାର ଦାସ ଏହାକୁ ଉଦ୍‌ଘାଟନ କରିଛନ୍ତି। ଗ୍ୟାଲେରିରେ ଗାନ୍ଧିଜୀଙ୍କ ୮ଥର ଓଡ଼ିଶା ଗସ୍ତର ସବିଶେଷ ତଥ୍ୟ, ବ୍ୟବହୃତ ସାମଗ୍ରୀ, ବିଭିନ୍ନ ଫଟୋଚିତ୍ର ଓ ଚିତ୍ରକଳା ଆଦି ପ୍ରଦର୍ଶିତ ହୋଇଛି। ଏଥିସହ ଓଡ଼ିଶା ଲଳିତକଳା ଏକାଡେମୀ ଦ୍ୱାରା ଗାନ୍ଧିଜୀଙ୍କ ସମ୍ପର୍କିତ ଚିତ୍ରକଳା ପ୍ରଦର୍ଶନୀ ଆୟୋଜନ କରାଯାଇଥିଲା। ସେହିଭଳି ରାଜ୍ୟ ସଂଗ୍ରହାଳୟ ଦ୍ୱାରା ପ୍ରସ୍ତୁତ ଗାନ୍ଧୀଭିତ୍ତିକ 'କଫି ଟେବୁଲ ପୁସ୍ତକ', ଓଡ଼ିଶା ସାହିତ୍ୟ ଏକାଡେମୀ ଦ୍ୱାରା ସ୍ୱତନ୍ତ୍ର ଗାନ୍ଧୀ ବିଶେଷାଙ୍କ 'କୋଣାର୍କ ପତ୍ରିକା' ଓ ଗାନ୍ଧିଜୀଙ୍କ ଜୀବନୀ ଉପରେ ଆଧାରିତ ଷ୍ଟୋରି ଟେଲିଙ୍ଗ ସିଡୀ 'ତୁମେ କହିଥିଲ ବାପୁ'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

ଅତିରିକ୍ତ ମୁଖ୍ୟ ଶାସନ ସଚିବ ପାଢ଼ୀ ଭର୍ଚୁଆଲରେ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ଗାନ୍ଧିଜୀଙ୍କ ସଂଗ୍ରାମ ଓ ଜୀବନାଦର୍ଶ ସମ୍ପର୍କରେ କହିଥିଲେ। ତାଙ୍କର ବାଣୀ, ଆଦର୍ଶ ସମସ୍ତଙ୍କ ପାଇଁ ପ୍ରେରଣା। ଆଜିର ଯୁବପିଢ଼ୀ ଏହାକୁ ଅନୁସରଣ କରିବା ଆବଶ୍ୟକ ବୋଲି ସେ ଆହ୍ୱାନ ଦେଇଥିଲେ। ନିର୍ଦ୍ଦେଶକ ଦାସ ମହାତ୍ମା ଗାନ୍ଧୀଙ୍କ ଓଡ଼ିଶା ଆଗମନ ସମ୍ପର୍କିତ ତଥ୍ୟ ଓ ବକ୍ତବ୍ୟ ଉପସ୍ଥାପନ କରିଥିଲେ।

ପ୍ରାରମ୍ଭରେ ସଂଗ୍ରହାଳୟ ଉଦ୍ୟାନ ପରିସରରେ ଏକ ନୀରବ ପ୍ରାର୍ଥନା ସହିତ ଶିଳ୍ପୀ ଅନିନ୍ଦିତା ଦାସଙ୍କ ନିର୍ଦ୍ଦେଶନାରେ ସଦ୍‌ଭାବନା ପ୍ରାର୍ଥନା ସଭା ଆୟୋଜିତ ହୋଇଥିଲା। ସମ୍ମାନିତ ବକ୍ତା ଭାବେ ଡ. ପ୍ରୀତିଶ ଆଚାର୍ଯ୍ୟ, ଡ. ନିହାର ରଞ୍ଜନ ପଟ୍ଟନାୟକ, ଡ. ଦାଶ ବେନହୁର, ଡ. ପ୍ରହ୍ଲାଦ ସିହ୍ନା, ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଡ. ହୃଷୀକେଶ ମଲ୍ଲିକ, ଉପସଭାପତି ଡକ୍ଟର ସଂଗ୍ରାମ ଜେନା ପ୍ରମୁଖ ଉପସ୍ଥିତ ଥିଲେ। ସଂଗ୍ରହାଳୟର ଅଧୀକ୍ଷକ ଡ. ଭାଗ୍ୟଲିପି ମଲ୍ଲଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମକୁ ମଧୁମିତା ମହାନ୍ତି ସଂଯୋଜନା କରିଥିବାବେଳେ ଓଡ଼ିଶା ସାହିତ୍ୟ ଏକାଡେମୀ ସଚିବ ପ୍ରବୋଧ କୁମାର ରାଉତ ଓ ଓଡ଼ିଶା ଲଳିତ କଳା ଏକାଡେମୀ ସଚିବ ପଞ୍ଚାନନ ସାମଲ ସୂଚନା ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଫେସ୍‌ବୁକ୍ ଓ ୟୁଟ୍ୟୁବ୍ ଚାନେଲ୍‌ରେ ସିଧା ପ୍ରସାରଣ କରାଯାଇଥିଲା।

### ଆଚରଣବିଧି ଉଲ୍ଲଂଘନ ଅଭିଯୋଗ

**ପୁରୀ ଅଫିସ, ୩୦।୧:**

ପୁରୀ କୁମ୍ଭାରପଡ଼ା ବାଡ଼ସାହିରେ ନିର୍ବାଚନ ଆଚରଣ ବିଧି ଉଲ୍ଲଂଘନ ନେଇ ସାମାଜିକ ଗଣମାଧ୍ୟମରେ ଅଭିଯୋଗ ହେଉଛି। ନିର୍ବାଚନ କମିଶନଙ୍କ ନିର୍ଦ୍ଦେଶ ଅନୁଯାୟୀ ଗ୍ରାମାଞ୍ଚଳ ଓ ସହରାଞ୍ଚଳରେ ସରକାରୀ ଯୋଜନା ଫଳକ ଲଗାଯିବ ନାହିଁ। ଯଦି ଲାଗିଥାଏ ସେଥିରେ କନା ଆବୃତ କରାଯିବ। ତେବେ କୁମ୍ଭାରପଡ଼ା ବାଡ଼ସାହିରେ ସରକାରୀ ଯୋଜନା ଫଳକ ହଟାଯାଇ ନ ଥିବା ଦେଖିବାକୁ ମିଳିଛି। ସ୍ଥାନୀୟ କିଛି ଲୋକଙ୍କ ଅଭିଯୋଗ ଅନୁଯାୟୀ କୁମ୍ଭାରପଡାର ବାସିନ୍ଦା ଜମି ପଟ୍ଟା ପାଇବାରୁ ବଞ୍ଚିତ ଅଛନ୍ତି। ମାତ୍ର ଉକ୍ତ ଫଳକରେ ଜାଗା ମିଶନ ଲେଖା ହେବା ସହ ବସ୍ତି ବାସିନ୍ଦାଙ୍କୁ ପାଇଁ ଭୂମି ପ୍ରମାଣପତ୍ର ଓ ଆଦର୍ଶ ବସତି ଓ ବିଶ୍ୱର ସର୍ବବୃହତ ଯୋଜନା ବୋଲି ଉଲ୍ଲେଖ ରହିଛି। ଏଥିରେ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଫଟୋ ରହିବା ସହ ୫ଟି ଲୋଗୋ ଓ ରାଜ୍ୟ ସରକାରଙ୍କ ଲୋଗୋକୁ ସ୍ଥାନିତ କରାଯାଇଛି। ଯାହାକୁ ନେଇ କିଛି ବ୍ୟକ୍ତି ଆପତ୍ତି ଉଠାଇବା ସହ ତୁରନ୍ତ ଫଳକକୁ ହଟାଇବା ପାଇଁ ଦାବି କରିବା ସହ ଏ ସମ୍ପର୍କରେ ଟୁଇଟର ମାଧ୍ୟମରେ ପୁରୀ ଜିଲାପାଳ, ମୋ ସରକାର-୫ଟି, ପୁରୀ ଅଫିସିଆଲରେ ଟ୍ୟାଗ କରିଛନ୍ତି।

### ଶିକ୍ଷାବିତ୍‌ଙ୍କ ପରଲୋକ

**କୋଣାର୍କ, ୩୦।୧(ଡି.ଏନ୍.ଏ):**

କୋଣାର୍କ ଥାନା ଅଧୀନ ସିମିଳି ପଞ୍ଚାୟତର ଅନସରାସ୍ଥିତ ରୁଦ୍ରାଣୀ ଉଚ୍ଚ ବିଦ୍ୟାଳୟର ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ପଲାଉରି(୬୭)ଙ୍କର ଶନିବାର ପରଲୋକ ହୋଇଯାଇଛି। ସେ ମିଷ୍ଟଭାଷୀ ଓ ଛାତ୍ରବତ୍ସଳ ଶିକ୍ଷାବିତ୍ ଭାବେ କୋଣାର୍କ ଏବଂ ଗୋପ ବ୍ଲକରେ ସୁପରିଚିତ ଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ କରାଯାଇଛି। ତାଙ୍କ ବିୟୋଗରେ ବିଭିନ୍ନ ମହଲରେ ଶୋକର ଛାୟା ଖେଳିଯାଇଛି।

# ଦ୍ୱିତୀୟ ଶ୍ରୀକ୍ଷେତ୍ର ଆଭାସ ସମାରୋହ

**ପୁରୀ ଅଫିସ, ୩୦।୧:**

- ସର୍ବଗିଳାଙ୍କୁ ଲିଭିଙ୍ଗ ଲିଜେଣ୍ଡ ସମ୍ମାନ
- ବିଭିନ୍ନ କ୍ଷେତ୍ରରେ ୧୫ ଜଣ ସମ୍ବର୍ଦ୍ଧିତ

ନ୍ୟାଶନାଲ ହ୍ୟୁମାନ ୱେଲଫେୟାର୍ ବୋର୍ଡ ଟ୍ରଷ୍ଟ ପକ୍ଷରୁ ରବିବାର ସ୍ଥାନୀୟ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ଆଲୋଚନା, ଭାବବିନିମୟ ଏବଂ ସମ୍ବର୍ଦ୍ଧନାର ମହାପର୍ବ ଦ୍ୱିତୀୟ ଶ୍ରୀକ୍ଷେତ୍ର ଆଭାସ ସମାରୋହ ଅନୁଷ୍ଠିତ ହୋଇଯାଇଛି। ସଂସ୍ଥାର ଅଧ୍ୟକ୍ଷ ସାରଦା ପ୍ରସାଦ ମହାପାତ୍ର କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ସାମାଜିକ କର୍ମୀ ସିଦ୍ଧାର୍ଥ ରାୟ, ଶିବାନୀ ମହାପାତ୍ର, ହରିହର ସାହୁ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଦିବ୍ୟାଙ୍ଗଙ୍କ କଲ୍ୟାଣ ଉପରେ ଗୁରୁତ୍ୱ, ସମାଜ ଉପରେ ବ୍ୟଙ୍ଗ ସାହିତ୍ୟ ପ୍ରଭାବ, ମହିଳାଙ୍କ ଅବଦାନ ଓ ଜ୍ୟୋତିଷ ଶାସ୍ତ୍ର ଉପରେ ପ୍ରଭାବ ସମ୍ପର୍କରେ ଆଲୋଚନା ହୋଇଥିଲା। ଆଲୋଚନା ଚକ୍ରକୁ ଡ. ଗିରିଶ ରଞ୍ଜନ ପରିଚାଳନା କରିଥିଲେ। ମାନବ କଲ୍ୟାଣ କ୍ଷେତ୍ରରେ ଅବଦାନ ପାଇଁ ୧୫ଜଣଙ୍କୁ ସମ୍ମାନିତ କରାଯାଇଥିଲା। ପୂର୍ବତନ ଅତିରିକ୍ତ ପୋଲିସ ମହାନିର୍ଦ୍ଦେଶକ ଅରୁଣ କୁମାର ଉପାଧ୍ୟାୟ, ଐତିହାସିକ ଅନିଲ ଧୀର ଏବଂ ସାମ୍ବାଦିକ ଅର୍ଦ୍ଧେନ୍ଦୁ ଦାସ ଯୋଗଦେଇ ମାନବ କଲ୍ୟାଣ କ୍ଷେତ୍ରର ବିଭିନ୍ନ ଦିଗ ଉପରେ ଆଲୋକପାତ କରିଥିଲେ। ସମ୍ବର୍ଦ୍ଧନା ପର୍ବକୁ ଦେବାଶିଷ ମହାପାତ୍ର ସଂଯୋଜନା କରିଥିଲେ। ମାନବ କଲ୍ୟାଣ କ୍ଷେତ୍ରରେ ଅବଦାନ ପାଇଁ ୧୨ ଜଣଙ୍କୁ ବିଭୂତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ସଦାଶିବ ମିଶ୍ର, ଲକ୍ଷ୍ମୀପ୍ରିୟା ତ୍ରିପାଠୀ, ସୁକାନ୍ତି ନନ୍ଦ, ଆଶୋକ କୁମାର ରାଉତ, ପ୍ରତାପ ସାହୁ, ନିହାର ରଞ୍ଜନ ଦାଶ, ପ୍ରଶାନ୍ତ କର, ସରୋଜ କୁମାର ବେଉରା, ଦିଲୀପ ବିଶ୍ୱାଳ, ହରିହର ସାହୁ, ଗଣେଷ ବାରିକ, ବିକ୍ରମ ସାହୁ, ମନମାଷ୍ଟ୍ରେ ଏବଂ ଭିକାରୀ ରଥଙ୍କୁ ସମ୍ମାନିତ କରାଯାଇଥିବା ବେଳେ ସର୍ବଗିଳାଙ୍କୁ ଲିଭିଙ୍ଗ ଲିଜେଣ୍ଡ ସମ୍ମାନ ପ୍ରଦାନ କରାଯାଇଥିଲା।




### ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି

metroselfie@gmail.com



@ ବିଶ୍ୱଭୂଷଣ



@ ରୋହନ



@ କାର୍ତ୍ତିକେଶ୍ୱର



@ ଗୀତା



@ ସଦାନନ୍ଦ



@ ବିକାଶ

# ରାଧାବଲ୍ଲଭ ମଠ ପାର୍ଶ୍ୱ ଦୋକାନ ଭଙ୍ଗାଗଲା

**ପୁରୀ ଅଫିସ, ୩୦।୧:**

**ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ**



ଶ୍ରୀମନ୍ଦିର ଐତିହ୍ୟ କରିଡର ପ୍ରକଳ୍ପ ପାଇଁ ପ୍ରଶାସନ ପକ୍ଷରୁ ଉଚ୍ଛେଦ ଅଭିଯାନ ଜାରି ରହିଛି। କିଛିଦିନ ତଳେ ଶ୍ରୀମନ୍ଦିର ପଶ୍ଚିମ ପାର୍ଶ୍ୱରେ ଥିବା କେତେକ କୋଠାକୁ ଉଚ୍ଛେଦ କରାଯାଇଥିଲା। ରବିବାର ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖ ରାଧାବଲ୍ଲଭ ମଠ ପାର୍ଶ୍ୱରେ ଥିବା ୪ଟି ଦୋକାନ ଘରକୁ ପ୍ରଶାସନ ପକ୍ଷରୁ ଉଚ୍ଛେଦ କରାଯାଇଛି। ଉଚ୍ଛେଦ ସମୟରେ ଯେପରି କୌଣସି ପ୍ରକାର ଅଘଟଣ ନ ଘଟିବ ସେଥିପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଥିଲା। ପୋଲିସ ଓ ଅଗ୍ନିଶମ କର୍ମଚାରୀ ମୁତୟନ ରହିଥିଲେ। ଶ୍ରୀମନ୍ଦିର ପ୍ରଶାସନିକ କାର୍ଯ୍ୟାଳୟ ଓ ଦୋଳମଣ୍ଡପ ସାହି ଛକ ପଟୁ ବ୍ୟାରିକେଡ କରାଯାଇ ରାସ୍ତା ବନ୍ଦ କରାଯାଇଥିଲା। ଏହି ଉଚ୍ଛେଦ ପରେ ଶ୍ରୀମନ୍ଦିର ଚତୁଃପାର୍ଶ୍ୱରେ ରହିଯାଇଥିବା ଅବଶିଷ୍ଟ ଛୋଟ ଓ ବଡ଼ ଘର ଭଙ୍ଗାଯିବ ବୋଲି ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ମେଘନାଦ ପାଚେରୀଠାରୁ ୭୫ମିଟର ପରିଧି ମଧ୍ୟରେ ୯୭ ପ୍ରତିଶତ ଜମି ଅଧିଗ୍ରହଣ ସରିଥିବାବେଳେ ଅବଶିଷ୍ଟ ୩ ପ୍ରତିଶତ ଜମି ଅଧିଗ୍ରହଣ ପାଇଁ ପ୍ରକ୍ରିୟା ଚାଲିଛି। ଶ୍ରୀମନ୍ଦିର ଯାତ୍ରୀ ପରିକ୍ରମା ମାର୍ଗ ପାଇଁ ଟେଣ୍ଡର ସରିଛି। ଜମି ଅଧିଗ୍ରହଣ ସମ୍ପୂର୍ଣ୍ଣ ହେବା ପରେ ଏହି କାର୍ଯ୍ୟ ଖୁବଶୀଘ୍ର ଆରମ୍ଭ ହେବ ବୋଲି ପ୍ରଶାସନ ପକ୍ଷରୁ କୁହାଯାଇଛି।



କଟକ ସାରଳା ଭବନରେ ଔପନ୍ୟାସିକ ସଞ୍ଜିତ ପଟ୍ଟନାୟକଙ୍କ ଉପନ୍ୟାସ 'ଝଡ଼'କୁ ଅତିଥିମାନେ ଉନ୍ମୋଚନ କରୁଛନ୍ତି।




ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚରେ ରବିବାର ନ୍ୟାଶନାଲ ହ୍ୟୁମାନ ୱେଲଫେୟାର୍ ବୋର୍ଡ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଦ୍ୱିତୀୟ ଶ୍ରୀକ୍ଷେତ୍ର ଆଭାସ ସମାରୋହରେ ଅତିଥିଙ୍କ ଗହଣରେ ସମ୍ବର୍ଦ୍ଧିତ ପ୍ରତିଭା।




ଖୋର୍ଦ୍ଧା ଜିଲା ବେଗୁନିଆ ବ୍ଲକ ଅଠରାଙ୍ଗସ୍ଥିତ ଦୁଃଖିଶ୍ୟାମ ମହାପାତ୍ର ଖେଳପଡ଼ିଆରେ ଅନୁଷ୍ଠିତ ମାର୍ଥା କପ୍ କ୍ରିକେଟ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଉତ୍ସବରେ ଚାମ୍ପିୟନ ସତ୍ୟପୀର ସ୍ପୋର୍ଟିଂ କ୍ଲବର ଖେଳାଳି ପୁରସ୍କାର ଗ୍ରହଣ କରୁଛନ୍ତି।

## ଗୋପ ବ୍ଲକ୍‌ର ୧୧୩ଟି ବୁଥ୍ ଉତ୍ତେଜନାପ୍ରବଣ

ଗୋପ (ଡି.ଏନ୍.ଏ.)- ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ଲାଗି ପ୍ରଶାସନ ପକ୍ଷରୁ ଗୋପ ବ୍ଲକରେ ଉତ୍ତେଜନାପ୍ରବଣ ବୁଥ୍ ଭାବେ ଚିହ୍ନଟ ହୋଇଛି। ବ୍ଲକ୍‌ରେ ମୋଟ ୪୫୯ଟି ବୁଥ୍ ଥିବାବେଳେ ୧୧୩ଟି ବୁଥ୍ ଉତ୍ତେଜନା ପ୍ରବଣ ରହିଛି। ସେଥି ମଧ୍ୟରୁ ୪ଟି ବୁଥ୍ ଅତି ଉତ୍ତେଜନା ପ୍ରବଣ ରହିଥିବା ଓ ୩୪୨ଟି ବୁଥ୍ ସାଧାରଣ ରହିଥିବା ବ୍ଲକ୍ ଜନସ୍ୱାସ୍ଥ୍ୟ ସମ୍ପ୍ରସାରଣ ଅଧିକାରୀ ଜୟଶ୍ରୀ ମିଶ୍ର କହିଛନ୍ତି। ତେବେ ଉତ୍ତେଜନା ପ୍ରବଣ ବୁଥ୍‌ରେ ଯେପରି ଶାନ୍ତିଶୃଙ୍ଖଳା ବଜାୟ ରହିବ ତାହା ଉପରେ ସ୍ୱତନ୍ତ୍ର ଭାବେ ନଜର ରଖାଯାଇଥିବା ବିଡିଓ ଦୀପ୍ତିରାଣୀ ଦାସ କହିଛନ୍ତି।




ମହାତ୍ମା ଗାନ୍ଧୀଙ୍କ ୭୪ତମ ମହାପ୍ରୟାଣ ଦିବସ ପାଳନ ଅବସରରେ ରବିବାର ଭୁବନେଶ୍ୱରସ୍ଥିତ ଗାନ୍ଧୀ ପାର୍କରେ ମିଳିତ ଓଡ଼ିଶା ନିଶା ନିବାରଣ ଅଭିଯାନ ପକ୍ଷରୁ ସର୍ବଧର୍ମ ପ୍ରାର୍ଥନା କରାଯାଉଛି।



ପ୍ରଦେଶ କଂଗ୍ରେସ କମିଟି ପକ୍ଷରୁ ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି।



ବିଧାନସଭା ପରିସରରେ ଥିବା ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ, ବାଚସ୍ପତି ସୂର୍ଯ୍ୟ ନାରାୟଣ ପାତ୍ର ଓ ଅନ୍ୟମାନେ।



ଭୁବନେଶ୍ୱର କୋର୍ଟ ପରିସରରେ ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ବାର୍ ଆସୋସିଏଶନର କର୍ମକର୍ତ୍ତାମାନେ ତାଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛନ୍ତି।



ପୁରୀ ସର୍ବୋଦୟ ମେଳା କମିଟି ପକ୍ଷରୁ ଗାନ୍ଧୀ ସ୍ମୃତି ପୀଠରେ ରବିବାର ମହାତ୍ମା ଗାନ୍ଧୀଙ୍କ ତିରୋଧାନ ଦିବସ ପାଳନ ଅବସରରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଉଛି



କଟକ ପୁରୀଘାଟସ୍ଥିତ ଗାନ୍ଧୀ ସ୍ମୃତିପୀଠରେ ବିଭିନ୍ନ ଗଣ ସଙ୍ଗଠନ ପକ୍ଷରୁ ରବିବାର ଅନୁଷ୍ଠିତ ସତ୍ୟାଗ୍ରହ।

## ସଂକ୍ଷେପରେ

### ଗାନ୍ଧିଜୀଙ୍କ ତିରୋଧାନ ଦିବସ

ପୁରୀ ଅଫିସ ୩୦।୧: ସର୍ବୋଦୟ ମେଳା କମିଟି ପକ୍ଷରୁ ଗାନ୍ଧୀ ସ୍ମୃତି ପୀଠରେ ରବିବାର ମହାତ୍ମା ଗାନ୍ଧୀଙ୍କ ୭୪ତମ ତିରୋଧାନ ଦିବସ ତଥା ଶହୀଦ ଦିବସ ପାଳିତ ହୋଇଯାଇଛି। ଏଥିରେ ମେଳା କମିଟିର କାର୍ଯ୍ୟକାରୀ ସଭାପତି ଉମାବଲ୍ଲଭ ମହାପାତ୍ର ସଭାପତିତ୍ୱ କରିଥିଲେ। ଗାନ୍ଧିଜୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ପରେ ତାଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ଫେବୃୟାରୀ ୧୨ରେ ଗାନ୍ଧିଜୀଙ୍କ ଚିତାଭସ୍ମ ମହୋଦଧିରେ ବିସର୍ଜନର ସ୍ମୃତିଚାରଣ ଦିବସ ପାଳନ ସମ୍ପର୍କରେ ଆଲୋଚନା କରାଯିବା ସହ ଗାନ୍ଧୀ ବିରୋଧୀ ଅପପ୍ରଚାରକୁ ତୀବ୍ର ନିନ୍ଦା କରାଯାଇଥିଲା। ସମବେତ ପ୍ରାର୍ଥନା କରାଯିବା ସହ ଗାନ୍ଧିଜୀଙ୍କ ପ୍ରିୟ ଭଜନ ବୈଷ୍ଣବ ଜନ ଓ ରାମଧୂନ ଗାନ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ସୁଧାକର ମହାପାତ୍ର, ଗୌରାଙ୍ଗ ଚରଣ ପରିଡ଼ା, ଅନାମ ଚନ୍ଦ୍ର ସାହୁ, ବିଷ୍ଣୁଦତ୍ତ ଦାସ, ଜ୍ୟୋତ୍ସ୍ନା ନାୟକ, ବିରେନ୍ଦ୍ର କୁମାର ମହାନ୍ତି, ବାସୁଦେବ ସାହୁ, ମାନସ ରଞ୍ଜନ ମହାପାତ୍ର, ଡ. ରାଧେଶ୍ୟାମ ରଥ, ଜଗନ୍ନାଥ ଦେଓ, ଡା. ବିପିନାନନ୍ଦ ମିଶ୍ର, ଜୟନ୍ତୀ ମହାପାତ୍ର, ମନୋଜ କୁମାର ରଥ, ଡଃ ବିଶ୍ୱନାଥ ରଥ, ଯଜ୍ଞଦତ୍ତ ପାଇକ, ବିଜୟ କୁମାର ନନ୍ଦ ଓ ଅନେକ ଗାନ୍ଧୀପ୍ରେମୀ ଉପସ୍ଥିତ ଥିଲେ। କମିଟି ସମ୍ପାଦକ ଶିବ ପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

### ବେରବୋଇରେ ଗାନ୍ଧୀଙ୍କ ପାଇଁ ତିଳତର୍ପଣ

ଡେଲାଙ୍ଗ,୩୦।୧ (ଡି.ଏନ୍.ଏ.)- ଡେଲାଙ୍ଗ ବ୍ଲକ ଅନ୍ତର୍ଗତ ବେରବୋଇ ସ୍ଥିତ ଗାନ୍ଧୀପୀଠରେ ମହାତ୍ମା ଗାନ୍ଧୀଙ୍କ ମହାପ୍ରୟାଣ ଦିବସ ରବିବାର ପାଳିତ ହୋଇଯାଇଛି। ସକାଳେ ବ୍ରହ୍ମେଶ୍ୱର ପୁଷ୍କରିଣୀରେ ଗାନ୍ଧିଜୀଙ୍କ ଉଦ୍ଦେଶ୍ୟରେ ତିଳତର୍ପଣ ସହ ରାମଧୁନ ଗାନ କରାଯାଇଥିଲା। ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ, ପ୍ରଦୀପ ପ୍ରଜ୍ୱଳନ ପରେ ସର୍ବଧର୍ମ ପ୍ରାର୍ଥନା ହୋଇଥିଲା। ଏହା ପରେ ଅନୁଷ୍ଠିତ ସଭାରେ ଗାନ୍ଧୀ ସ୍ମାରକୀ ସମିତି ସଭାପତି ବିଚିତ୍ରାନନ୍ଦ ମହାନ୍ତି ସଭାପତିତ୍ୱ କରିଥିଲେ। ସଭାରେ ଭୀମସେନ ମହାପାତ୍ର, ବଲ୍ଲଭ ବିଶ୍ୱାଳ, ଅନାମ ମଲ୍ଲିକ, କୁନ୍ତଳା ବିଶ୍ୱାଳ, ପ୍ରସନ୍ନ ତ୍ରିପାଠୀ, କବିତାରାଣୀ ପରିଡା, କାଶୀନାଥ ମହାପାତ୍ର, ଗୋବିନ୍ଦଚନ୍ଦ୍ର ପଟ୍ଟନାୟକ, ଭାଗୀରଥି ପରିଡା, ସର୍ବେଶ୍ୱର ବରେଇ, ହୃଷୀକେଶ ପାଢ଼ୀ, ସନ୍ତୋଷ ବିଶ୍ୱାଳ, ଅଭୟଚରଣ ସାହୁ, ସ୍ୱର୍ଣ୍ଣଲତା ସେଠୀ, ଚନ୍ଦ୍ରଶେଖର ବିଶ୍ୱାଳ ପ୍ରମୁଖ ଉପସ୍ଥିତ ଥିଲେ। ଏହି ପରିପ୍ରେକ୍ଷୀରେ ଗ୍ରାମ ସଫେଇ ଏବଂ ଚାରାରୋପଣ କରାଯାଇଥିଲା।

### ସେବାୟତ ନରେନ୍ଦ୍ର ଦୀକ୍ଷିତଙ୍କ ପରଲୋକ

କାକଟପୁର,୩୦।୧(ଡି.ଏନ୍.ଏ.): କାକଟପୁରର ପୂର୍ବତନ ସରପଞ୍ଚ, ମଙ୍ଗଳା ମନ୍ଦିର ଟ୍ରଷ୍ଟବୋର୍ଡର ପୂର୍ବତନ ସଭାପତି ତଥା ବରିଷ୍ଠ ସେବାୟତ ନରେନ୍ଦ୍ର କୁମାର ଦୀକ୍ଷିତଙ୍କର ରବିବାର ନିଜ ବାସଭବନରେ ପରଲୋକ ହୋଇଯାଇଛି। ତାଙ୍କୁ ୯୫ବର୍ଷ ହୋଇଥିଲା। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତଦେହକୁ ଏକ ଶୋଭାଯାତ୍ରାରେ ନିଆଯାଇ ବଜାର ପରିକ୍ରମା କରାଯିବା ପରେ ଗ୍ରାମ୍ୟ ଶ୍ମଶାନରେ ଅନ୍ତିମ ସତ୍କାର କରାଯାଇଥିଲା। ସାନ ପୁଅ ପ୍ରମୋଦ ଦୀକ୍ଷିତ ମୁଖାଗ୍ନି ଦେଇଥିଲେ।

# ରାଜନୈତିକ ସମୀକ୍ଷକ ନେଉଛନ୍ତି ପ୍ରଚାର ଦାୟିତ୍ୱ

ପୁରୀ ଅଫିସ,୩୦।୧:

କୋଭିଡ୍ ସଂକ୍ରମଣକୁ ଦୃଷ୍ଟିରେ ରଖି ରାଜ୍ୟ ନିର୍ବାଚନ କମିଶନ ଚଳିତ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପ୍ରଚାରକୁ ଅନଲାଇନ୍ ମୋଡ୍‌ରେ କରିବା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ପୁରୀ ଜିଲାର ପ୍ରାର୍ଥୀମାନେ ପ୍ରଚାର ପାଇଁ ସୋସିଆଲ ମିଡିଆକୁ ପ୍ରମୁଖ ଅସ୍ତ୍ର ଭାବେ ବାଛିଛନ୍ତି। ଫେସବୁକ୍, ହ୍ୱାଟ୍‌ସଆପ୍ ଓ ଟୁଇଟର ଭଳି ସାମାଜିକ ଗଣମାଧ୍ୟମରେ ପ୍ରାର୍ଥୀମାନେ ପ୍ରଚାର ଚଳାଇଛନ୍ତି। ପ୍ରାର୍ଥୀମାନଙ୍କ ପାଇଁ ବିଭିନ୍ନ ସଂସ୍ଥା ପ୍ରଚାର ଦାୟିତ୍ୱ ନେଇଛନ୍ତି। ଏହି ନୂଆ ଟ୍ରେଣ୍ଡ୍ ପୁରୀ ଜିଲାରେ ବିଭିନ୍ନ ସଂସ୍ଥାକୁ ରୋଜଗାରର ସୁଯୋଗ ଦେଇଛି। ସେହିପରି ପ୍ରାର୍ଥୀମାନେ ପ୍ରଚାର ଦାୟିତ୍ୱ ନିର୍ଦ୍ଦିଷ୍ଟ ସଂସ୍ଥା ଓ ବ୍ୟକ୍ତିମାନଙ୍କୁ ଦେଇ ରାଜନୈତିକ ରଣନୀତି ଉପରେ ଫୋକସ କରିପାରୁଛନ୍ତି। ସୋସିଆଲ ମିଡିଆରେ ରାଜନୈତିକ ସମୀକ୍ଷକମାନଙ୍କୁ ଏଭଳି କରୁଥିବା ଦେଖିବାକୁ ମିଳୁଛି। ପ୍ରାର୍ଥୀମାନଙ୍କ ସହ ଯୋଗାଯୋଗ କରି ବିଭିନ୍ନ ପ୍ୟାକେଜର ଅଫର ଦିଆଯାଉଛି। ଫେସବୁକ୍, ଟୁଇଟରରେ ଷ୍ଟାଟସ ଅପଡେଟ୍, ଶର୍ଟ ଭିଡିଓ, ପ୍ରାର୍ଥୀଙ୍କ ସପକ୍ଷରେ ଜନମତ ଥିବା ଭିଡିଓ ଇତ୍ୟାଦିକୁ ସୋସିଆଲ ମିଡିଆରେ ଛଡ଼ାଯାଉଛି। ଯାହାଫଳରେ ପ୍ରାର୍ଥୀଙ୍କ ସପକ୍ଷରେ ମାହୋଲ ତିଆରି ହୋଇପାରୁଛି। ରାଜନୈତିକ ସମୀକ୍ଷକମାନେ ପ୍ରାର୍ଥୀଙ୍କ ପାଇଁ ଏହି ଦାୟିତ୍ୱ ନେଇଛନ୍ତି। ଏଥିପାଇଁ ସର୍ଭେ କରାଯାଉଛି। ପ୍ରାର୍ଥୀ କେଉଁ ସ୍ଥାନରୁ ନୋମିନେଶନ୍ କରିଛନ୍ତି, ସେଠାକାର ମୌଳିକ ସମସ୍ୟା କ'ଣ, ଭୋଟରଙ୍କ ପାଇଁ ମୁଖ୍ୟ ପ୍ରସଙ୍ଗ କ'ଣ ଏହାକୁ ପ୍ରାଥମିକତା ଦେଇ ଏକ ପ୍ରୋଫାଇଲ୍ ପ୍ରସ୍ତୁତ କରାଯାଉଛି। ସେହିଭଳି ଖବରଦାତାମାନଙ୍କୁ ମଧ୍ୟ ଏହି କାର୍ଯ୍ୟରେ କେତେକ ସଂସ୍ଥା ନିୟୋଜିତ କରୁଛନ୍ତି। ଯେଉଁମାନେ ଗଣମାଧ୍ୟମ ସଂସ୍ଥା ସହ ଯୋଗାଯୋଗରେ ରହି ପ୍ରାର୍ଥୀଙ୍କ ପାଇଁ ପ୍ରେସ ରିଲିଜ୍ ଯୋଗାଇବା ସହ ପ୍ରଚାର ଦାୟିତ୍ୱ ସମ୍ଭାଳୁଛନ୍ତି। ଓଡ଼ିଶା ପଲିଟିକାଲ୍ ଆସିଷ୍ଟାଣ୍ଟ ଟିମ୍ ନାମକ ରାଜନୈତିକ ସମୀକ୍ଷକ ସଂସ୍ଥାର ଦାୟିତ୍ୱରେ ଥିବା ରାକେଶ ଦାଶ କହିଛନ୍ତି, ଆମ ସଂସ୍ଥା ତୃଣମୂଳ ସ୍ତରରୁ ସର୍ଭେ କରି ପ୍ରାର୍ଥୀଙ୍କ ସାମ୍ପ୍ରତିକ ସ୍ଥିତି ସମ୍ପର୍କରେ ତଥ୍ୟ ଏକାଠି କରୁଛି। ଏହାପରେ କିଭଳି ଭାବେ ନକାରାତ୍ମକ ଦିଗ ଉପରେ କାର୍ଯ୍ୟ କରାଯାଇପାରିବ ସେନେଇ ଧ୍ୟାନ ଦିଆଯାଉଛି। ପ୍ରାର୍ଥୀଙ୍କ ପାଇଁ ସୋସିଆଲ ମିଡିଆ ଗ୍ରୁପ୍ ଗଢି ପ୍ରଚାର ଠାରୁ ଆରମ୍ଭ କରି ପ୍ରଚାର ସଙ୍ଗୀତ ମଧ୍ୟ ପ୍ରସ୍ତୁତ କରାଯାଉଛି। ରାଜନୈତିକ ସମୀକ୍ଷକ ଭାବେ ପ୍ରାର୍ଥୀଙ୍କୁ ସହଯୋଗ ଓ ବୃତ୍ତିଗତ ଭାବେ କାର୍ଯ୍ୟ କରାଯାଉଛି। ପ୍ରାର୍ଥୀମାନେ ଅନଲାଇନ ପ୍ରଚାରକୁ ଯଥେଷ୍ଟ ସମୟ ଦେଇପାରୁ ନ ଥିବା ବେଳେ ଏଭଳି ପନ୍ଥା ଏକ ଭଲ ବିକଳ୍ପ ବୋଲି କୁହାଯାଇପାରିବ। ଅନ୍ୟପକ୍ଷରେ ବେଲଦଳ ପଞ୍ଚାୟତରୁ ସମିତି ସଭ୍ୟ ପ୍ରାର୍ଥିନୀ ତନୁଶ୍ରୀ ପାତ୍ର କହିଛନ୍ତି, ଅନଲାଇନ ପ୍ରଚାରର ଭୂମିକା ଗୁରୁତ୍ୱପୂର୍ଣ୍ଣ ହୋଇଯାଇଛି। ଏଣୁ ରାଜନୈତିକ ସମୀକ୍ଷକଙ୍କ ଦ୍ୱାରା ଏଭଳି ବୃତ୍ତିଗତ କାର୍ଯ୍ୟ ପ୍ରାର୍ଥୀମାନଙ୍କୁ ବିଶେଷ ଭାବେ ସହାୟକ ହେଉଛି। ଅନ୍ୟପକ୍ଷରେ ୨୮ ନମ୍ବର ଜୋନ୍ ବିଜେଡି ପ୍ରାର୍ଥୀ କୈଳାସ ଚନ୍ଦ୍ର ପରିଡ଼ା କହିଛନ୍ତି, ସୋସିଆଲ ମିଡିଆରେ ପ୍ରଚାରକୁ ଏକ ବ୍ୟବସ୍ଥିତ ଢ଼ଙ୍ଗରେ କରାଯିବା ଦରକାର। ମୋ' ସହ ଏଭଳି ସଂସ୍ଥା ଯୋଗାଯୋଗରେ ରହିଛନ୍ତି। ଏହା ଏକ ଲାଭବାନ ବିକଳ୍ପ ବୋଲି କୁହାଯାଇପାରିବ।

# ଜଟଣୀକୁ ହରାଇ ଶ୍ରୀକ୍ଷେତ୍ର ଟିମ୍ ବିଜୟୀ

### ମନୋରଞ୍ଜନ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

କଣାସ,୩୦।୧(ସ୍ୱ.ପ୍ର.): କଣାସ ଗୋଲାବଜାର ସ୍ଥିତ ଖେଳପଡିଆରେ ଫ୍ରେଣ୍ଡ୍‌ସ କ୍ଲବ ପକ୍ଷରୁ ୧୦ତମ ମନୋରଞ୍ଜନ ସ୍ମାରକୀ ଭଲିବଲ ଟୁର୍ନାମେଣ୍ଟ ରବିବାର ଆରମ୍ଭ ହୋଇଛି। ବରିଷ୍ଠ ଖବରଦାତା ବିଭୂତି ଭୂଷଣ ତ୍ରିପାଠୀ ଅତିଥିଭାବେ ଯୋଗଦେଇ ଏହି ଟୁର୍ନାମେଣ୍ଟକୁ ଉଦ୍‌ଘାଟନ କରିଥିବା ବେଳେ ଖବରଦାତା ମାନସ ରଞ୍ଜନ ରାଉତରାୟ ଉପସ୍ଥିତ ଥିଲେ। ଉଦ୍‌ଘାଟନୀ ମ୍ୟାଚ ଜଟଣୀ ଭଲିବଲ ଟିମ୍ ଓ ଶ୍ରୀକ୍ଷେତ୍ର ଟିମ୍ ପୁରୀ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଶ୍ରୀକ୍ଷେତ୍ର ଟିମ୍ ବିଜୟୀ ହୋଇଥିଲା। ପ୍ରିୟରଞ୍ଜନ ସାହୁ, ବିପିନ ବିହାରୀ ମହାପାତ୍ର ମ୍ୟାଚ୍ ପରିଚାଳନା କରିଥିଲେ। ଏହି ଟୁର୍ନାମେଣ୍ଟରେ କଣାସ, ବାଣପୁର, ସେଞ୍ଚୁରିୟାନ ଭୁବନେଶ୍ୱର, ଇଟାମାଟି, ଜଟଣୀ ଓ ଶ୍ରୀକ୍ଷେତ୍ର ଟିମ୍ ଅଂଶଗ୍ରହଣ କରିଛନ୍ତି। ଟୁର୍ନାମେଣ୍ଟରେ ଫ୍ରେଣ୍ଡସ୍ କ୍ଲବର ସଦସ୍ୟମାନେ ଟୁର୍ନାମେଣ୍ଟରେ ସହଯୋଗ କରୁଛନ୍ତି।

# ନିର୍ବାଚନ ଆଚରଣ ବିଧି କର୍ମଶାଳା

ଡେଲାଙ୍ଗ, ୩୦।୧ (ଡି.ଏନ୍.ଏ.)

ନିର୍ବାଚନ ଆଚରଣ ବିଧି କର୍ମଶାଳା ଡେଲାଙ୍ଗ ବ୍ଲକ ପରିସରରେ ନିର୍ବାଚନ ଅଧିକାରୀ ତଥା ବିଡିଓ ଦିଲୀପ କୁମାର ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଡେଲାଙ୍ଗ ଆଇଆଇସି ଅନିଲ କୁମାର ମହାନ୍ତି, ଅତିରିକ୍ତ ବିଡିଓ ପ୍ରଦୀପ୍ତ ନାୟକ, ଜିପିଓ ରତିକାନ୍ତ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। କର୍ମଶାଳାରେ ୨୧ ପଞ୍ଚାୟତରୁ ନିର୍ବାଚନ ରଣାଙ୍ଗନରେ ଓହ୍ଲାଇଥିବା ଶତାଧିକ ପ୍ରାର୍ଥୀ ଅଂଶଗ୍ରହଣ କରିଥିଲେ। ନିର୍ବାଚନରେ ଲଢୁଥିବା ପ୍ରାର୍ଥୀମାନେ ପ୍ରଚାର ପାଇଁ ବ୍ୟବହାର ଗାଡି, ବାଦ୍ୟଯନ୍ତ୍ର ପାଇଁ ଅନୁମତି ଓ ଗଣତି ସମୟରେ କରୋନା ନିୟମ ମାନିବେ। ପ୍ରାର୍ଥିପତ୍ର ଦାଖଲଠାରୁ ୩୧ ତାରିଖ ପର୍ଯ୍ୟନ୍ତ ସମସ୍ତ ଖର୍ଚ୍ଚ ବାବଦରେ ଆସନ୍ତା ୧ ତାରିଖରେ ବ୍ଲକ ପରିସରରେ ଦାୟିତ୍ୱରେ ଥିବା ଅଧିକାରୀଙ୍କୁ ପ୍ରଦାନ କରିବେ। ପ୍ରାର୍ଥୀଙ୍କୁ ମିଶାଇ ମୋଟ ୫ଜଣ ଡୋର କ୍ୟାମ୍ପେନ କରିପାରିବା ନେଇ କର୍ମଶାଳାରେ ଆଲୋଚନା ହୋଇଥିଲା।

# ପୁରୀରୁ ବେଲଦଳ ନୂଆନଈ ପର୍ଯ୍ୟନ୍ତ କୋଷ୍ଟାଲ ଟ୍ରେକିଂ

ପୁରୀ ଅଫିସ, ୩୦।୧:

### ଅଭୟାରଣ୍ୟ, ବେଳାଭୂମି, ଅଲିଭ୍ ରିଡଲେ ସୁରକ୍ଷା ବାର୍ତ୍ତା



ପୁରୀ ଟ୍ରେକିଂ କ୍ଲବ ପକ୍ଷରୁ ବେଳାଭୂମି ସଫେଇ କରାଯାଉଛି ।

ପୁରୀ ଟ୍ରେକିଂ କ୍ଲବ ଦ୍ୱାରା ପୁରୀରୁ କୋଣାର୍କ ବେଲଦଳ ନୂଆନଈ ପର୍ଯ୍ୟନ୍ତ ବାଲିରେ ଚାଲି ଚାଲି କୋଷ୍ଟାଲ ଟ୍ରେକିଂ କରାଯାଇଛି। ଏହି କୋଷ୍ଟାଲ ଟ୍ରେକିଂରେ ୨୫ଜଣ ଯୁବକ ସାମିଲ ହୋଇଥିଲେ। ଦୀର୍ଘ ୮ବର୍ଷ ଧରି ଟ୍ରେକିଂ କ୍ଲବ ଦ୍ୱାରା ବର୍ଷରେ ଦୁଇଥର ପୁରୀରୁ ବ୍ରହ୍ମଗିରି ବାଲିହରଚଣ୍ଡୀ ବେଳାଭୂମି ଓ ପୁରୀରୁ ବେଲଦଳ ନୂଆନଈ ପର୍ଯ୍ୟନ୍ତ ବେଳାଭୂମି ସଫେଇ ଓ ମରିପଡିଥିବା ଅଲିଭ ରିଡେଲ କଇଁଛଙ୍କୁ ଉଦ୍ଧାର କରାଯାଇ ବାଲିରେ ପୋତା ଯାଇଆସୁଛି। ରବିବାର ବେଳାଭୂମି ସଫେଇ କରାଯିବା ସହ ମୃତ ଅଲିଭ ରିଡଲେ କଇଁଛଙ୍କୁ ପୋତାଯାଇଥିଲା। ଜଙ୍ଗଲ, ପରିବେଶ ଓ ଜଳବାୟୁ ବିଭାଗର ଅତିରିକ୍ତ ଶାସନ ସଚିବ ମଧୁସୂଦନ ଦାଶ ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଟ୍ରେକିଂର ଶୁଭାରମ୍ଭ କରିଥିଲେ। ଭାସ୍କର ପୂଜାରୀ, ଶିତିକଣ୍ଠ ଶତପଥୀ, ମଧୁସୂଦନ ମିଶ୍ର, ଶିବ ଶଙ୍କର ପ୍ରଧାନଙ୍କ ନେତୃତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। କୋଷ୍ଟାଲ ଟ୍ରେକିଂ ଦ୍ୱାରା ବାଲୁଖଣ୍ଡ ଅଭୟାରଣ୍ୟ, ବେଳାଭୂମି ଓ ବିରଳ ଅଲିଭ୍ ରିଡଲେ କଇଁଛଙ୍କ ସୁରକ୍ଷା ନେଇ ବାର୍ତ୍ତା ଦିଆଯାଇଥିଲା। ଟ୍ରେକିଂରେ କୃଷ୍ଣଚନ୍ଦ୍ର ଗୁପ୍ତା, ଡାକ୍ତର ଶିବ ଶଙ୍କର ସିଂହାରୀ, ହରିବଲ୍ଲଭ ସିଂହାରୀ, ସୁମିତ ପ୍ରଧାନ, ଜୟ ନାରାୟଣ ମହାନ୍ତି, ନିଗମାନନ୍ଦ ପାତ୍ର, ଡା. ଶରତ ମହାନ୍ତି, ଗୋବିନ୍ଦ ପାତ୍ର, ବିରେନ୍ଦ୍ର ବେହେରା, ମଦନ ଦାସ ମହାପାତ୍ର, ଦେବେନ୍ଦ୍ର ବ୍ରହ୍ମଚାରୀ, ଲକ୍ଷ୍ମୀକାନ୍ତ ମହାନ୍ତି, ବ୍ରଜରାଜ ପାତ୍ର ଏବଂ ମହାବୀର ରୁଦ୍ରନାରାୟଣ ସାହୁ ପ୍ରମୁଖ ସାମିଲ ଥିଲେ।

# ୫୬ ୟୁନିଟ୍ ରକ୍ତ ସଂଗ୍ରହ

ପୁରୀ ଅଫିସ, ୩୦।୧

ପୁରୀ ବନ୍ଧନ ବ୍ୟାଙ୍କ ଶାଖା ଓ ଆପଣଙ୍କ ସେବାରେ ଅନୁଷ୍ଠାନର ମିଳିତ ଆନୁକୂଲ୍ୟରେ ଭିଆଇପିରୋଡସ୍ଥିତ ବନ୍ଧନ ବ୍ୟାଙ୍କ ପରିସରରେ ରବିବାର ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଛି। ଶିବିରକୁ ଅନୁଷ୍ଠାନର ଅଧ୍ୟକ୍ଷ ଜିତେନ୍ଦ୍ର ମହାପାତ୍ର ଓ ବନ୍ଧନ ବ୍ୟାଙ୍କ ଶାଖା ପରିଚାଳକ ପ୍ରିୟବ୍ରତ ଦାଶ ଉଦ୍‌ଘାଟନ କରିଥିଲେ। ଆପଣଙ୍କ ସେବାରେ ଅନୁଷ୍ଠାନର ରାଜ୍ୟ ମହାସଚିବ ମନୋଜ କୁମାର ରଥ, ବନ୍ଧନ ବ୍ୟାଙ୍କ ଶାଖା ପରିଚାଳକ ପ୍ରିୟବ୍ରତ ଦାଶ ତାଙ୍କ ସହଧର୍ମିଣୀ ମାଳିନୀ ସ୍ନେହଦର୍ଶିନୀ ଦାଶ ପ୍ରମୁଖ ରକ୍ତଦାନ କରିଥିଲେ। ଶିବିରରୁ ୫୬ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ୩୧ ଜଣ ପ୍ରଥମ ଥର ପାଇଁ ରକ୍ତଦାନ କରିଥିଲେ। ଶିବିରକୁ ପୁରୀ ରକ୍ତ ଭଣ୍ଡାର ତରଫରୁ ପରିଚାଳନା କରାଯାଇଥିଲା। ବିରଞ୍ଚି ମିଶ୍ର, ଅବିନାଶ ମିଶ୍ର, ଯୋଗେଶ ମହାରଣା, ଶଶାଙ୍କ ପ୍ରଧାନ, ଅର୍ଚ୍ଚନା ରଥ, ଦେବେନ୍ଦ୍ର ମହାରଣା, ଶିବ ପ୍ରସାଦ ରଥ, ଶ୍ୟାମ ପ୍ରକାଶ ସେନାପତି, ଜୟନ୍ତୀ ମହାପାତ୍ର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ।

# ୮ ପଞ୍ଚାୟତରେ ସମିତି ସଭ୍ୟ ପଦ ପାଇଁ ଦ୍ୱିମୁଖୀ ଲଢ଼େଇ

କଣାସ,୩୦।୧(ସ୍ୱ.ପ୍ର.):

ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ରାଜନୀତି ସରଗରମ ହେବାକୁ ଲାଗିଛି। ପ୍ରାର୍ଥୀମାନେ ଘର ଘର ବୁଲି ଭୋଟ ପାଇଁ ନିବେଦନ କରୁଛନ୍ତି। କଣାସ ବ୍ଲକର ୨୮ ପଞ୍ଚାୟତରୁ ପାଣ୍ଡିଆକେରା ଓ ଦୋଛଆଁ ପଞ୍ଚାୟତରେ ସମିତି ସଭ୍ୟ ପଦରେ କମଳି ନାୟକ ଓ ସୁଭ୍ରାନ୍ତି ସାମନ୍ତରାୟ ନିର୍ଦ୍ୱନ୍ଦ୍ୱରେ ନିର୍ବାଚିତ ହୋଇଥିବା ଜଣାପଡ଼ିଛି। ସେହିପରି ୮ଟି ପଞ୍ଚାୟତରେ ସମିତି ସଭ୍ୟ ପଦ ପାଇଁ ଦୁଇଜଣ ଲେଖାଏ ପ୍ରାର୍ଥୀଙ୍କ ମଧ୍ୟରେ ମୁକାବିଲା ହେବ। ଅଁଳାଯୋଡି ପଞ୍ଚାୟତରେ ସସ୍ମିତା ବାରିକ ଓ ସଙ୍ଗୀତା ସାହୁ, ଚୁପୁରିଙ୍ଗ ପଞ୍ଚାୟତରେ ପୁଷ୍ପଲତା ସେଠୀ ଓ ଶାନ୍ତି ଦାସ, ଗଡ଼ବଳଭଦ୍ରପୁର ପଞ୍ଚାୟତରେ ରିନା ମଲିକ ଓ ରୁନା ବେହେରା, ଆଳିବାଡ଼ ପଞ୍ଚାୟତରେ ରବୀନ୍ଦ୍ର ଜେନା ଓ ସୁବାସ ଚନ୍ଦ୍ର ପ୍ରଧାନ, ଅଣ୍ଡାରସିଂହ ପଞ୍ଚାୟତରେ ବାଦଲ ଚମ୍ପତି ଓ ଲିଜା ଛୋଟରାୟ, ଦିବ୍ୟସିଂହପୁର ପଞ୍ଚାୟତରେ ଭାଗ୍ୟଲକ୍ଷ୍ମୀ ମହାପାତ୍ର ଓ ସୁମିତ୍ରା ପ୍ରଧାନ, ଖଣ୍ଡହତା ପଞ୍ଚାୟତରେ ଦୀପିକା ଜେନା ଓ ରେଣୁବାଳା ଜେନାଙ୍କ ମଧ୍ୟରେ ଲଢ଼େଇ ହେବ।

# ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ଜଳ ନିଷ୍କାସନ

କୋଣାର୍କ, ୩୦।୧:

ଆସନ୍ତା ୬ ତାରିଖରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ପବିତ୍ର ମାଘ ସପ୍ତମୀ ବୁଡ଼। ଚଳିତ ବର୍ଷ କରୋନା କଟକଣା ଯୋଗୁ କୋଭିଡ୍ ଗାଇଡ୍‌ଲାଇନ ଅନୁଯାୟୀ ବିନା ଶ୍ରଦ୍ଧାଳୁରେ ବୁଡ଼ ନୀତି ସମ୍ପାଦନ ହେବ। ବାବା ତ୍ରିବେଣୀଶ୍ୱର, ଦକ୍ଷିଣେଶ୍ୱର, ଈଶାଣେଶ୍ୱରଙ୍କ ଚଳନ୍ତି ପ୍ରତିମାଙ୍କର ଏହି ତୀର୍ଥରେ ମହାସ୍ନାନ ସମ୍ପନ୍ନ କରାଯିବ। ଧାର୍ଯ୍ୟ ସମୟସୀମା ଭିତରେ କାର୍ଯ୍ୟ ସାରିବାକୁ ସମ୍ପୃକ୍ତ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବାରୁ ପ୍ରସ୍ତୁତି ଆରମ୍ଭ ହୋଇଯାଇଛି। ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରୁ ଜଳ ନିଷ୍କାସନ ସହ ମେଳା ପଡ଼ିଆ ବ୍ୟାରିକେଡ୍ ନିର୍ମାଣ କାର୍ଯ୍ୟ ଚାଲିଛି। ୧୦ଟି ମୋଟରପମ୍ପ ସାହାଯ୍ୟରେ ତୀର୍ଥ ପୁଷ୍କରିଣୀରୁ ଜଳ ନିଷ୍କାସନ ଓ ସଫେଇ କରାଯାଉଛି। ଏହା ପରେ ଚୁନ ଓ ବ୍ଲିଚିଂ ପାଉଡର ପକାଯାଇ ସମ୍ପୂର୍ଣ୍ଣ ବିଶୋଧନ କରାଯିବ। ତିନି ଠାକୁରଙ୍କ ନୀତି ସମ୍ପାଦନ, ପରିମଳ, ଆଇନଶୃଙ୍ଖଳା, ଆଲୋକ ବ୍ୟବସ୍ଥା ସୁଚାରୁରୂପେ ସମ୍ପାଦନ ପାଇଁ ସମନ୍ୱୟ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା। ମାଘ ମାସ ସପ୍ତମୀ ତିଥିରେ ଚନ୍ଦ୍ରଭାଗା ତୀର୍ଥ ପୁଷ୍କରିଣୀରେ ବୁଡ଼ ପକାଇଲେ ଅଶେଷ ପୁଣ୍ୟ ଲାଭ ମିଳିଥାଏ ବୋଲି ବିଶ୍ୱାସ ରହିଛି ।

# 'କ୍ୟାଡର ରୁଲ୍ ପ୍ରଣୟନ, ୱାର୍କଚାର୍ଜଙ୍କୁ ରେଗୁଲାର କରାଯାଉ'

### ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର କାର୍ଯ୍ୟକାରୀ ପରିଷଦ ବୈଠକ

ପୁରୀ ଅଫିସ, ୩୦।୧:

ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର ରାଜ୍ୟ କାର୍ଯ୍ୟକାରୀ ପରିଷଦ ବୈଠକ ଓ ସମ୍ବର୍ଦ୍ଧନା ସଭା ରବିବାର ପୁରୀ ବ୍ଲକ୍ ଛକସ୍ଥିତ ଯାନ୍ତ୍ରିକ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ପାନୀୟଜଳ ଯୋଗାଣ ବିଭାଗର ଶ୍ରମିକ ଓ କର୍ମଚାରୀଙ୍କ ସ୍ୱାର୍ଥରକ୍ଷା ଦିଗରେ ସରକାରଙ୍କ ନକାରାତ୍ମକ ମନୋଭାବକୁ ସମାଲୋଚନା କରାଯାଇଥିଲା । ବୈଠକରେ ପ୍ରସନ୍ନ କୁମାର ପଣ୍ଡା, ପ୍ରଫୁଲ୍ଲ ସାମଲ, ଶ୍ରୀବତ୍ସ ବେହୁରା, ସନ୍ତୋଷ ତ୍ରିପାଠୀ, ପ୍ରେମାନନ୍ଦ ବାରିକ, ସୁରେଶ ନାୟକ, ସାରଙ୍ଗ ସାହୁ, ଦୀନବନ୍ଧୁ ସେଠୀ, ସୁଶାନ୍ତ ନାୟକ, ପୂର୍ଣ୍ଣ ମିଶ୍ର, ସୀମାଞ୍ଚଳ ପଣ୍ଡା, ସଦାଶିବ ବିଶୋଇ, ହାଡ଼ିବନ୍ଧୁ ନାୟକ, ଚିତ୍ରସେନ ନାୟକ, ସୁଧୀର ପାଣିଗ୍ରାହୀ ଏବଂ ବିନୋଦ ବିହାରୀ ବଳ ପ୍ରମୁଖ ଯୋଗଦେଇଥିଲେ। କ୍ୟାଡର ରୁଲ୍ ପ୍ରଣୟନ, ଅସ୍ଥାୟୀ କର୍ମଚାରୀଙ୍କୁ ସ୍ଥାୟୀ ନିଯୁକ୍ତି ଦେବା, ସମସ୍ତ ୱାର୍କଚାର୍ଜଙ୍କୁ ରେଗୁଲାର କରାଯିବା ସହ ପେନ୍‌ସନ ପ୍ରଦାନ ପାଇଁ ଦାବି କରାଯାଇଛି। ଏସବୁ ଦାବି ନେଇ ମାର୍ଚ୍ଚ ଦ୍ୱିତୀୟ ସପ୍ତାହରେ ରାଜଧାନୀରେ ରାଜ୍ୟସ୍ତରୀୟ ଧାରଣା କାର୍ଯ୍ୟକ୍ରମ ହେବ ବୋଲି ସଂଘର ସଭାପତି ପ୍ରଶାନ୍ତ କୁମାର ମହାନ୍ତି, କାର୍ଯ୍ୟକାରୀ ସଭାପତି ଏ.କେ. ବ୍ରହ୍ମା, ସାଧାରଣ ସମ୍ପାଦକ ଅଶୋକ କୁମାର ମୁଦୁଲି ସୂଚନା ଦେଇଥିଲେ। ଏହି ଅବସରରେ ରାଜ୍ୟ ନେତୃତ୍ୱ ଏବଂ ପୁରାତନ ନେତୃତ୍ୱମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା।



ବୈଠକରେ ରାଜ୍ୟ ଜନସ୍ୱାସ୍ଥ୍ୟ ଯାନ୍ତ୍ରିକ କର୍ମଚାରୀ ସଂଘର କର୍ମକର୍ତ୍ତାମାନେ ।